## ବୈପାରୀଗୁଡ଼ା ଗସ୍ତରେ କୋରାପୁଟ ବିଧାୟକ



ବୈପାରୀଗୁଡ଼ା,୨୩।୪ (ସମିସ) : ବୈପାରୀଗୁଡା ବ୍ଲକର ହଳଦୀମାଝୀଗୁଡା ଗାଁରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ରଘୁରମ ମାଛ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁ ଗସ୍ତ କରି ସାଧାରଣ ଲୋକଙ୍କ ସମସ୍ୟା ବୁଝିଛନ୍ତି । ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଛନ୍ତି । ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରାଯାଉଛି କି ନାହିଁ ତାହା ଲୋକଙ୍କୁ ପଚାରି ବୁଝିଛନ୍ତି । ଏହି ପେରିପେକ୍ଷୀରେ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଗୁଣ୍ଟଗୁଡା, ହଳଦୀମାଝୀଗୁଡା ଗାଁରେ ପହଞ୍ଚି ଲୋକଙ୍କ ସହ ସମ୍ପର୍କ ସ୍ଥାପନ କରୁଛନ୍ତି । ଗାଁରେ ରାସ୍ତା, ହୁଣ୍ଡୀ ଠାକୁରାଣୀ ମନ୍ଦିର ନିର୍ମାଣ ପାଇଁ ପ୍ରତିଶୃତି ଦେଇଛନ୍ତି । ବିଧାୟକଙ୍କ ଗସ୍ତ ସମୟରେ ବିଜେପି କର୍ମୀ ଧନପତି ନାୟକ, ନଟବର ପଟ୍ଟନାୟକ, ମନୋଜ ନାୟକ, କେଉମା ମହେଶ୍ୱର, ଚକ୍ରବୈରାଗୀ ଓ ପଦ୍ମନ ମାଳି ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦାବିପତ୍ର ପ୍ରଦାନ



କୋରାପୁଟ,୨୩।୪(ସମିସ): କୋରାପୁଟ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରାପୁଟ ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ୨୦୨୫ ମାର୍ଚ୍ଚରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ଭାଲିଡେସନ ଆକ୍ଟର ପ୍ରତ୍ୟାହାର, ଏନପିଏସ/ୟୁପିଏସ ବଦଳରେ ପୁରୁଣା ପେନସନ ଯୋଜନା ଲାଗୁ କରିବା ଓ ଅଷ୍ଟମ ବେତନ କମିଶନ ସୁପାରିଶ ଅନୁଯାୟୀ ସୁବିଧା ପ୍ରଦାନ ପ୍ରମୁଖ ଦାବି ରହିଛି । ଏହାସହ ରାଜ୍ୟ ପେନସନଧାରୀଙ୍କୁ କେନ୍ଦ୍ରୀୟ ହାରରେ ମହଙ୍ଗା ଭତ୍ତା, ୧୧ ବର୍ଷରେ କମ୍ୟୁଟେସନ ଅବଧି, ରେଳ ରିହାତି ଏବଂ ସ୍ୱାସ୍ଥ୍ୟ ବୀମା ଭଳି ଦାବି ମଧ୍ୟ ରହିଛି । ସଂଘର ସଭାପତି ସୁଧାକର ପଟ୍ଟନାୟକ, ସଂପାଦକ ମାର୍କଣ୍ଡ ପାଢୀ, ତ୍ରିନାଥ ଗୁରୁ, ସୂର୍ଯ୍ୟପ୍ରକାଶ ଯାଦବ, ହୃଷୀକେଶନ ପାଢୀ, ଜଗନ୍ନାଥ ଦାସ, ଭଗବାନ ନାହାକ, ନିରଞ୍ଜନ ପାଢ଼ୀ, ବୀର ବସନ୍ତ ପାଢୀ, ଶିଶିର ଶତପଥି, ଗୋବିନ୍ଦ ଚନ୍ଦ୍ର ସାମଲ, ରାଧାନାଥ ପଟ୍ଟନାୟକ, ସରୋଜ ରଥ, ଶିବ ଶଙ୍କର ପଟ୍ଟନାୟକ, ସତ୍ୟ ପଣ୍ଡାଙ୍କ ସହ ଅନେକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ । କୋରାପୁଟ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଫକୀର ଚରଣ ପ୍ରଧାନ ଦାବିପତ୍ର ଗ୍ରହଣ କରିଥିଲେ ।

## ବାଲିମେଳା ଜଳଭଣ୍ଡାରରେ ଛଡାଗଲା ଚିଙ୍ଗୁଡ଼ି, ମାଛ ଯାଆଁଳ

ଚିତ୍ରକୋଣ୍ଡା,୨୩।୪ (ସମିସ): ରାଜ୍ୟ ସରକାରଙ୍କ ତରଫରୁ ସେତୁ ଯୋଜନା ଅଧୀନରେ ଛଡାଗଲା ଚିଙ୍ଗୁଡି ଓ ମାଛ ଯାଆଁଳା । ବାଲିମେଳା ଜଳଭଣ୍ଡାରରେ ପ୍ରାୟ ୯ ଲକ୍ଷ ମାଛ ଓ ଚିଙ୍ଗୁଡ଼ି ଯାଆଁଳା ଛଡାଯାଇଛି । ମତ୍ସ୍ୟଜୀବୀଙ୍କ ନିମନ୍ତେ ଏହା ଏକ ଖୁସି ଖବର । ଏହି ଯାଆଁଳା ଛଡ଼ାଯିବା । ଫଳରେ ମତ୍ସ୍ୟଜୀବୀ ମାନଙ୍କର ରୋଜଗାର ବଢ଼ିପାରିବ । ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଠାରେ ବାଲିମେଳା ଜଳଭଣ୍ଡାରରେ ଛଡା ହୋଇଛି ଚାରି ଲକ୍ଷ



ଚିଙ୍ଗୁଡ଼ି , ୫ ଲକ୍ଷ ମାଛ ଯାଆଁଳା । ଯାହାକି ସ୍ୱାଭିମାନ ଅଞ୍ଚଳର ମତ୍ସ୍ୟଜୀବୀଙ୍କ ନିମନ୍ତେ ଆତ୍ମନିର୍ଭରଶୀଳ ହୋଇପାରିବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା କୃଷି ଅଧିକାରୀ ସୁଧାଂଶୁ କୁମାର ମଲ୍ଲିକ, ମାଲକାନଗିରି ସାଂସଦ ପ୍ରତିନିଧି, କୋରୁକୋଣ୍ଡା ସାଂସଦ ପ୍ରତିନିଧି, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଯୋଗ ଦେଇ ଥିଲେ । ବିଧାୟକ ମଙ୍ଗୁ ଖିଲ କହିଥିଲେ ମାଛ ଅଭାବ ଯୋଗୁଁ ଯୋଗୁଁ ମତ୍ସ୍ୟଜୀବୀ କ୍ଷତି ଗ୍ରସ୍ତ ହେଉଛନ୍ତି । ସେଥି ପାଇଁ ଚିତ୍ରକୋଣ୍ଡା ଠାରେ ଗୋଟିଏ ମାଛ କୋଲଡ଼ଷ୍ଟୋର କରାଯିବା ନିମନ୍ତେ ସରକାର ଦୃଷ୍ଟି ଆକର୍ଷଣ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଜିଲା ମତ୍ସ୍ୟ ଅଧିକାରୀ କହିଛନ୍ତି ବର୍ତ୍ତମାନ ବାଲିମେଳା ଜଳଭଣ୍ଡାରରେ ୪ ଲକ୍ଷ ଚିଙ୍ଗୁଡ଼ି ଓ ୫ ଲକ୍ଷ ମାଛ ଯାଆଁଳା ଛଡ଼ା ହୋଇଛି । ଯାହାକି ଆଗକୁ ୧୦୦ଲକ୍ଷ ଚିଙ୍ଗୁଡ଼ି ଯାଆଁଳା ଛଡ଼ାଯିବା କାର୍ଯ୍ୟକ୍ରମ ରହିଛି । ଚିତ୍ରକୋଣ୍ଡା ଠାରେ ଗୋଟିଏ ମାଛ କୋଲ୍ଡ ଷ୍ଟୋର କରିବା ପାଇଁ ସରକାରଙ୍କୁ ଜଣାଇବେ ବୋଲି କହିଥିଲେ ।

# ଆବାସିକ ପ୍ଲଟ୍‌ର ବେଞ୍ଚମାର୍କ ମୂଲ୍ୟ ବୃଦ୍ଧି ପରେ ବଢ଼ିଲା ଚିନ୍ତା



ରାୟଗଡ,୨୩।୪ (ସମିସ): ଚଳିତ ଏପ୍ରିଲ ୧ ତାରିଖରୁ ଜମି ଓ ସ୍ଥାବର ସମ୍ପତିର ସରକାରୀ ମୂଲ୍ୟ ତଥା ବେଞ୍ଚମାର୍କ ମୂଲ୍ୟ ମହଙ୍ଗା ହେବା ପରେ ଜମି ଓ ସ୍ଥାବର ସମ୍ପତି କିଣାବିକା ଉପରେ ରାୟଗଡରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଜମି ଓ ସ୍ଥାବର ସମ୍ପତି କିଣା ବିକା ଉପରେ ଷ୍ଟାମ୍ପ ଡ୍ୟୁଟି ୫ ପ୍ରତିଶତ ଓ ରେଜିଷ୍ଟ୍ରେସନ ଫି ୨ ପ୍ରତିଶତକୁ ମିଶାଇ ମୋଟ ୭ ପ୍ରତିଶତ ଲାଗୁ ହେବା ଲୋକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ଏହା ରିୟଲ ଇଷ୍ଟେଟ ବ୍ୟବସାୟ ଉପରେ ତଥା ସାଧାରଣ ଲୋକେ, ଚାଷୀମାନେ ନିଜର ଘର , ଫ୍ଲଟ, ଚାଷ ଜମି ଆଦି କିଣାବିକା ଉପରେ ଉଭୟେ କ୍ଷତି ସହିବେ ବୋଲି ରାୟଗଡ଼ା ରିୟଲ ଇଷ୍ଟେଟ ସଂଘ ପକ୍ଷରୁ କୁହାଯାଇଛି । ରାୟଗଡ ଭଳି ୫ମ ଅନୁଚ୍ଛେଦ ଅଞ୍ଚଳରେ ଏହାର ସିଧାସଳଖ ପ୍ରଭାବକୁ ନେଇ ରାୟଗଡ ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ଦୃଷ୍ଟି ଆକର୍ଷଣ କରିଛି ସଂଘ । ରାୟଗଡ ସହରର ନ୍ୟୁ କଲୋନୀର ହୋଟେଲ ସ୍ୱାଗତ ଲାଇନ୍ ସ୍ଥିତ ଶିବ ମନ୍ଦିରର ପ୍ରାଙ୍ଗଣରେ ସଂଘ ଦ୍ୱାରା ଏକ ବୈଠକ ଆୟୋଜନ କରାଯାଇ ବିଧାୟକ ଶ୍ରୀ କାଡ୍ରକାଙ୍କୁ ଜିଲ୍ଲା ରାଜସ୍ୱ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନୂତନ ବିଏମ୍‌ଭି ମୂଲ୍ୟ ଉପରେ ଅବଗତ କରଯାଇଥିଲା । ବୈଠକରେ ବିଧାୟକଙ୍କ ସମେତ ପିସିସି ସଂପାଦକ ଡ.ଦୁର୍ଗା ପ୍ରସାଦ ପଣ୍ଡା ଉପସ୍ଥିତ ଥିବା ବେଳେ ସଂଘ ସଭାପତି ଡୁଡୁଲା ଶ୍ରୀନିବାସ, ସଂପାଦକ ସନ୍ତୋଷ କୁମାର ଦାସ, ଉପ ସଭାପତି ଇ.ସନ୍ୟାସୀ ରାଜୁ, କୋଷାଧ୍ୟକ୍ଷ କେ.ଭି. ଶ୍ରୀଧର, କେ.ଭେଙ୍କେଟେଶ୍ୱର ରାଓ, ପି.ରମେଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ । ରାୟଗଡ ତହସିଲ ଅନ୍ତର୍ଗତ ରାୟଗଡ, ରାୟଗଡ ନଗର, ବାରିଝୋଲା, ଚେକାଗୁଡା, ତୁମ୍ବିଗୁଡା, ରାମଚନ୍ଦ୍ରପୁର, ଶିରିଗୁଡା, ରାଣୀଗୁଡା, ଜୟରାମଗୁଡା, ଗୁରୁଜୁଗୁଡା, ଅମଲାଭଟ୍ଟା, ବିରନାୟଣପୁର, କୋତାପେଟା, ଚାନ୍ଦିଲି, କୋମତଲପେଟା, ଖଲିଗୁଡା ଓ ଫେଟା ଭଳି ୧୭ଟି ମୌଜାର ଅନେକ ଗ୍ରାମାଞ୍ଚଳରେ ଥିବା କିଛି ପ୍ଲଟର ବର୍ତ୍ତମାନର ବେଞ୍ଚମାର୍କ ମୂଲ୍ୟ ଅପେକ୍ଷା ସରକାରଙ୍କ ପ୍ରସ୍ତାବିତ ମୂଲ୍ୟ ବୃଦ୍ଧିର ୪୯୦୦ ଅଧିକ ରହିଥିବା ଅଭିଯୋଗ ହୋଇଛି । ରାୟଗଡର ଫ୍ଲଟ ସଂଖ୍ୟା ୧୦ରେ ବର୍ତମାନ ବିଏମଭି ମୂଲ୍ୟ ୩୬୩ଲକ୍ଷ ରହିଥିବା ବେଳେ ପ୍ରସ୍ତାବିତ ସରକାରୀ ମୂଲ୍ୟ ୮୦୦ଲକ୍ଷ ରହିଛି ଯାହାକି ୪୩୭ଲକ୍ଷ ଅଧିକା ରହିଥିବା ବେଳେ ୧୨୦ ଅଧିକ ପ୍ରତିଶତ ହେଉଅଛି ବୋଲି କୁହାଯାଇଛି । ସେହିପରି ଚେକାଗୁଡା ମୌଜାର ଆବାସିକ ଫ୍ଲଟ ନମ୍ବର ୪,୫,୬,୭ ବର୍ତମାନ ୧୯୧.୭୬ଲକ୍ଷ ବିଏମଭି ରହିଥିବା ବେଳେ ସରକାରଙ୍କ ପ୍ରସ୍ତାବିତ ମୂଲ୍ୟ ୪୮୦ଲକ୍ଷ ରହିଛି । ଯାହାକି ୨୮୮.୨୪ଲକ୍ଷ ଅଧିକ ଏବଂ ୧୫୦ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡିଛି । ଅନ୍ୟ ଏକ ଫ୍ଲଟ ସଂଖ୍ୟା ୯୦,୯୧ ,୯୨,୧୦୫ ଓ ୧୦୬ରେ ମଧ୍ୟ ବର୍ତମାନ ସରକାରୀ ମୂଲ୍ୟ ସେହି ୧୯୧.୭୬ଲକ୍ଷ ରହିଥିବା ବେଳେ ପ୍ରସ୍ତାବିତ ସରକାରୀ ମୂଲ୍ୟ ୧୨୮.୨୪ଲକ୍ଷ ଅଧିକା ଏବଂ ୬୭ ପ୍ରତିଶତ ବୃଦ୍ଧି ପ୍ରତିଶତର ବହୁତ ଅଧିକ ହୋଇ ୩୨୦ଲକ୍ଷ ଟଙ୍କା ରହିଛି । ଯାହାକି ଏହା ଏକ ଝୋଲା ନିକଟରେ ସଂଲଗ୍ନ ହୋଇଥିବା ବେଳେ ଗୁରୁମଗୁଡା ଆବାସିକ ଫ୍ଲଟ ପାଇଁ ବେଞ୍ଚ ମାର୍କ ମୂଲ୍ୟରେ ୨୨୮ଧ ବୃଦ୍ଧିର ଅଧିକ ପ୍ରସ୍ତାବ ଦିଆଯାଇଛି । ସଂଘ ପକ୍ଷରୁ ସମସ୍ତ ଗ୍ରାମ ପାଇଁ ଆବାସିକ ଫ୍ଲଟ ପାଇଁ ବିଏମଭି ବୃଦ୍ଧି ସର୍ବାଧିକ ୧୦ ପ୍ରତିଶତ ପର୍ଯ୍ୟନ୍ତ ସୀମିତ ରହିବା ଉଚିତ । କାରଣ ବେଞ୍ଚମାର୍କ ପ୍ଲଟ ମୂଲ୍ୟ ବର୍ତମାନ ପରିପୂର୍ଣ୍ଣ ଏବଂ ଶୀର୍ଷରେ ରହିଛି । ଯଦି ଆବାସିକ ପ୍ଲଟ ପାଇଁ ବେଞ୍ଚମାର୍କ ମୂଲ୍ୟ ୧୦ ପ୍ରତିଶତରୁ ଅଧିକ ବୃଦ୍ଧି ହୁଏ, ତେବେ ଜଣେ ସାଧାରଣ ବ୍ୟକ୍ତି ଘର ନ ଥିଲେ । ଯଦ୍ୱାରା ସରକାରଙ୍କୁ ବିଭାଗ ପକ୍ଷରୁ ପ୍ରସ୍ତାବିତ ବିଏମ୍‌ଭି ମୂଲ୍ୟ ପ୍ରଦାନ କରାଯାଇଥିଲା । ପୂର୍ବରୁ ହୋଇଆସୁଥିବା ଜମି କିଣାବିକା ଉପରେ ବର୍ତମାନର ସରକାରୀ ମୂଲ୍ୟ ସମସ୍ତଙ୍କ ପାଇଁ ସୁହାଇବ ବୋଲି କହିଛନ୍ତି । ପ୍ରକାଶ ଥାଉ କି, ରାଜ୍ୟ

> ବିଧାୟକଙ୍କୁ ସମସ୍ୟା ଜଣାଇଲେ ରିୟଲ ଇଷ୍ଟେଟ ସଂଘ
>
> ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରିବି : ବିଧାୟକ

ଫ୍ଲଟ କିଣିପାରିବେ ନାହିଁ ବୋଲି କୁହାଯାଇଛି । ସମସ୍ତ ମୌଜାର ସମସ୍ତ ଆବାସିକ ଫ୍ଲଟ ପାଇଁ ୧୦ ପ୍ରତିଶତରୁ ଅଧିକ ବିଏମ୍‌ଭି ମୂଲ୍ୟରେ ବୃଦ୍ଧିକୁ ସୀମିତ କରି ଉପରୋକ୍ତ ବିଚାର କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି । ଏ ନେଇ ବିଧାୟକ ଶ୍ରୀ କାଡ୍ରକା ସମସ୍ୟା ସମ୍ପର୍କରେ ଅବଗତ ହୋଇ ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ବୈଠକରେ ପ୍ରତିଶୃତି ଦେଇଥିଲେ । ସଂଘର ଏଭଳି ଅଭିଯୋଗକୁ ନେଇ ରାୟଗଡ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଂଜନ କହଁରଙ୍କ ପ୍ରତିକ୍ରିୟା ନେବାରୁ ସରକାରଙ୍କ ଆଦେଶ କ୍ରମେ ବିଏମଭି ବୃଦ୍ଧି ପ୍ରସଙ୍ଗରେ ସମସ୍ତ ନିୟମାନୁସାରେ ପ୍ରସ୍ତାବ ଦିଆଯାଇଥିଲା । ଏହି ସମ୍ପର୍କରେ କୌଣସି ଅଭିଯୋଗ ଥିଲେ, ଅବଧି ସମୟ ମଧ୍ୟରେ ଅଭିଯୋଗ କରାଯିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ କେହି ବି ଅଭିଯୋଗ କରି ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଜମି ଏବଂ ସ୍ଥାବର ସମ୍ପତିର ସରକାରୀ ମୂଲ୍ୟ ତଥା ବେଞ୍ଚମାର୍କ ମୂଲ୍ୟ (ବିଏମଭି) ବୃଦ୍ଧି ନେଇ ଗତବର୍ଷ ଡିସେମ୍ବର ୧୨ ତାରିଖରେ ନୋଟିଫିକେସନ ଜାରି କରାଯାଇଥିଲା । ଏଥିରେ ପ୍ରତି ଦୁଇ ବର୍ଷରେ ଥରେ ଜମି ଓ ସ୍ଥାବର ସମ୍ପତିର ମୂଲ୍ୟାୟନ ହେବ ଏବଂ ଏହି କ୍ରମରେ ଜମି ଓ ସ୍ଥାବର ସମ୍ପତିର ମୂଲ୍ୟ ନିର୍ଦ୍ଧାରଣ ବେଳେ ଗୁରୁତ୍ୱ ଦିଆଯିବ ବୋଲି ଓଡିଶା ଷ୍ଟାମ୍ପ (ସଂଶୋଧନ) ନିୟମ-୨୦୨୫ରେ ଉଲ୍ଲେଖ କରାଯାଇଛି । ଫଳରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜମି ଓ ସ୍ଥାବର ସମ୍ପତି ମୂଲ୍ୟାୟନରେ ବହୁତ ଫରକ ରହିଥିବା ଦେଖିବାକୁ ମିଳିଛି । ସହରାଞ୍ଚଳରେ ପୂର୍ବ ଦୁଇ ବର୍ଷ ତୁଳନାରେ ଅତି କମରେ ୫ ପ୍ରତିଶତ ଜମି ଓ ସ୍ଥାବର ସମ୍ପତିର ସରକାରୀ ମୂଲ୍ୟ ବୃଦ୍ଧି ନିର୍ଦ୍ଧାରଣ କରାଯିବା ବୋଲି ଜଣାପଡିଛି ।

## ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଆଜୀବନ ଜେଲ୍

ମାଲକାନଗିରି, ୨୩।୪ (ସମିସ): ମାଲକାନଗିରି ଅତିରିକ୍ତ ଜିଲ୍ଲା ଜଜ୍ ଶାନ୍ତନୁ କୁମାର ଦାସ ଅପହରଣ ଓ ଦୁଷ୍କର୍ମ ମାମଲାର ଶୁଣାଣି କରି ଜଣେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ସୂଚନା ଅନୁଯାୟୀ, ୨୦୦୩ ଅଗଷ୍ଟ ୮ ତାରିଖରେ ମୋଟୁ ଥାନା ଏମ୍‌ଭି-୮୨ ଗ୍ରାମର ନିଶୀକାନ୍ତ ସାନା ଜନୈକ ନାବାଳିକାଙ୍କୁ ଅପହରଣ କରିବା ପରେ ଦୁଷ୍କର୍ମ କରିଥିବା ନେଇ ଏତଲା ଦିଆଯାଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ ଅଭିଯୁକ୍ତ ନିଶିକାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମଙ୍ଗଳବାର ୨୩ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲ୍ଲା ଜଜ୍ ଶାନ୍ତନୁ କୁମାର ଦାସ ଅଭିଯୁକ୍ତ ନିଶିକାନ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ମାମଲାକୁ ସରକାରୀ ଓକିଲ ଏସ ମହେଶ୍ୱର ମାମଲା ପରିଚାଳନା କରୁଥିଲେ ।

## ସାଇବର ସୁରକ୍ଷା ଓ ଠକେଇ ସଚେତନତା




ରାୟଗଡ,୨୩।୪(ସମିସ): ରାୟଗଡ ସ୍ଥିତ ଭାମ୍‌ସି ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ରେ ସାଇବର ସୁରକ୍ଷା ଏବଂ ସାଇବର ଠକେଇ ବିଷୟରେ ଏକ ସଚେତନତା ଶିକ୍ଷାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ସାଇବର କ୍ରାଇମ ଏବଂ ଆର୍ଥିକ ଅପରାଧ ବିଭାଗର ଆଇଆଇସି ଅବିନାଶ ରେଡ଼୍ଡି ଯୋଗ ଦେଇଥିଲେ । ସମ୍ମାନୀୟ ଅତିଥି ଭାବେ ସେହି ବିଭାଗର ଆଇଆଇସି ସୌଦାମିନୀ ବେହେରା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟିର ସମନ୍ୱୟକ ଭାବେ ଡାକ୍ତର କରୁଣାକର କରକରିଆ, ଅଧ୍ୟକ୍ଷ, ଭାମସି ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ ଦାୟିତ୍ୱ ନିର୍ବାହ କରିଥିଲେ । ଶ୍ରୀ ରେଡ଼୍ଡି ନିଜ ଉଦ୍‌ବୋଧନରେ ବର୍ତ୍ତମାନ ସମୟରେ ବୃଦ୍ଧି ପାଉଥିବା ସାଇବର ଅପରାଧ ଓ ଠକେଇ ଘଟଣାସମୂହ ସମ୍ବନ୍ଧରେ ସଚେତନତା ଜଣାଇଥିଲେ । ସେମାନେ ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍ ଲେନଦେଣ , ସୋସିଆଲ୍ ମିଡିଆ ବ୍ୟବହାର ଓ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଷୟରେ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ତତ୍ ସହିତ ସରକାରଙ୍କ ତରଫରୁ ସଚେତନାମୂଳକ ଭିଡ଼ିଓକୁ ଛାତ୍ରଛାତ୍ରୀମାନଙ୍କୁ ଦେଖାଇ ସେମାନଙ୍କ ମଧ୍ୟରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ପ୍ରଫେସର ବାର୍ଜି ଲାଭନ୍ୟା କାର୍ଯ୍ୟକ୍ରମଟିକୁ ସଂଚାଳନ କରିଥିଲେ । ଅତିଥି ମାନଙ୍କ ବକ୍ତବ୍ୟ ସରିବା ପରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହା ପରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. କରୁଣାକର କରକାରିଆ ଉଭୟ ଅତିଥି ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ । ପରିଶେଷରେ ଅନୁଷ୍ଠାନର ବିଭାଗ ମୁଖ୍ୟ ପ୍ରଫେସର ବେଦପ୍ରକାଶ କର ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନେ ସାଇବର ସୁରକ୍ଷା ବିଷୟରେ ଅଧିକ ଜ୍ଞାନ ଲାଭ କରିଥିବା ସହ ସଚେତନ ହେବାରେ ସହାୟତା ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କୋଟ୍ଟୋର୍ ରାଓ, ମାନସ ରଞ୍ଜନ ନାୟକ, ମନୋଜ କୁମାର ସେନାପତି, ପୀତାମ୍ବର ହିଆଲ, ମିସ୍ ଦର୍ଶନା, ଜୟଦେବ ଦାସ, ନବୀନ କରକରିଆଙ୍କ ସମେତ ୧୫ ଜଣ ଅଧ୍ୟାପକ ଓ ୧୫୦ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

ରାୟଗଡ, ୨୩।୪(ସମିସ): ରାୟଗଡ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଦାମୋଦର ରଥଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଗୁରୁବାର ଦିନ ସ୍ଥାନୀୟ ହାଲୁଆ ପଞ୍ଚାୟତ ପରିସରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଯଥା ଏଫ୍‌ଆଇଆର, ବେଲ୍, ସମନ, ୱାରେଣ୍ଟ, ଅପିଲ, ପ୍ଲିବାରଗେନିଂ ଓ ଅଧାରୁ ପାଠ ଛାଡୁଥିବା ଛାତ୍ର ଛାତ୍ରୀମାନଙ୍କ ପାଇଁ ଥିବା ସରକାରୀ ଆର୍ଥିକ ସହାୟତା ଇତ୍ୟାଦି ଉପରେ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ଥାନାର ଏସ୍‌ଡିପିଓ ଗୌରହରି ସାହୁ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପ୍ରଣ୍ଟ ଅଫିସ ରିଟେନର ସୁକାନ୍ତ ଦାସ, ହାଲୁଆ ଗ୍ରାମର ସରପଞ୍ଚ ତାମାରାଓ ବିଡ଼ିକା ଓ ଗ୍ରାମର ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ । ରାୟଗଡ଼ ଏସ୍‌ଡିପିଓ ଶ୍ରୀ ସାହୁ ନିଜର ବକ୍ତବ୍ୟରେ ଏଫ୍‌ଆଇଆର, ବେଲ୍, ସମନସ, ୱାରେଣ୍ଟ, ଅପିଲ, ପ୍ଲିବାରଗେନିଙ୍ଗ ଇତ୍ୟାଦି ଉପରେ




ବିସ୍ତୃତ ଭାବରେ ଅଂଶଗ୍ରହଣକାରୀ ମାନଙ୍କୁ ବୁଝାଇଥିଲେ । ସେହିପରି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟ ନିଜର ବକ୍ତବ୍ୟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଓ ଅଧାରୁ ପାଠ ଛାଡୁଥିବା ଛାତ୍ର ଛାତ୍ରୀମାନଙ୍କ ପାଇଁ ଥିବା ସରକାରୀ ଆର୍ଥିକ ସହାୟତା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ପ୍ରଣ୍ଟ ଅଫିସ ରିଟେନର ସୁକାନ୍ତ ଦାସ ଭାରତୀୟ ଆଇନ ବ୍ୟବସ୍ଥାରେ ବିଭିନ୍ନ ପ୍ରକାର ଆଇନକୁ କିପରି ସଠିକ ରୂପେ ପ୍ରଣୟନ କରି ସାଧାରଣ ଲୋକ ମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ସହ ଦୋଷୀ ନିର୍ଦୋଶରେ ଖସିପାରିବ ନାହିଁ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଫଳତାର ସହିତ ଶେଷ ହୋଇଛି ।

● ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର କୃତିତ୍ୱ

## ସିବିଏସ୍‌ଇ ୧୦ମ ବୋର୍ଡ କୃତୀ ଛାତ୍ରଛାତ୍ରୀ ସମ୍ମାନିତ

ରାୟଗଡ, ୨୩।୪(ସମିସ): ରାୟଗଡ ନିୟୁକଲୋନୀ ସ୍ଥିତ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ପ୍ରାଙ୍ଗଣରେ ସିବିଏସଇ ୧୦ମ ବୋର୍ଡ ପରୀକ୍ଷାରେ ୭୫ ପ୍ରତିଶତ ଓ ତାହାଠାରୁ ଅଧିକ ମାର୍କ ରଖି କୃତିତ୍ୱ କରିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆଜି ଏକ ସମ୍ମାନ ସଭା ଆୟୋଜିତ ହୋଇଥିଲା । ସେଣ୍ଟ ଜାଭିୟର୍ସ ଗ୍ରୁପର ମୁଖ୍ୟ ପରିଚାଳକ, ନିର୍ଦ୍ଦେଶକ ଓ ରାଜ୍ୟ କ୍ରୀଡା ପରିଚାଳକ ଡକ୍ଟର ଜି. ଏସ. ପଟ୍ଟନାୟକ, ଏହି କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଦ୍ୟାଳୟର ଶତକଡା ୯୮. ୨ ପ୍ରତିତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ସାକ୍‌ଚି ସିମ୍ରନକୁ ୧୦ହଜାର ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି । ପ୍ରଧାନ ଶିକ୍ଷକ ୱାଇ. ରବି କୁମାର, ଏବଂ ରମେଶ ପଟ୍ଟନାୟକ, ବିଦ୍ୟାଳୟ ପ୍ରଶାସକ ସୁଶ୍ରୀ ପି. ଦିବ୍ୟାଶ୍ରୀ , ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ସେହି ଛାତ୍ରଛାତ୍ରୀଙ୍କ ପରିଶ୍ରମ ଓ ସଫଳତାକୁ ପ୍ରଶଂସା କରିଥିଲେ । ସାକ୍‌ଚୀ ସିମରନକୁ ୧୦ହଜାର ଟଙ୍କା ସହ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ଓ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା । ସ୍କୁଲ ପରିଚାଳନା ପକ୍ଷରୁ ଶିକ୍ଷକ ଓ ଅଭିଭାବକଙ୍କ ଅବଦାନକୁ ପ୍ରଶଂସା କରାଯାଇଥିଲା । ସମସ୍ତ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା ।

## ଛାତ୍ରଛାତ୍ରୀଙ୍କ ପାଇଁ ଜରୁରୀକାଳୀନ ଛୁଟି

# ଛୁଟିରେ ଯିବାକୁ ଜିଲ୍ଲା ବାହାର ଶିକ୍ଷକ ଶିକ୍ଷୟିତ୍ରୀ ସଜବାଜ




ମାଥିଲି,୨୩।୪ (ସମିସ): ଚଳିତ ବର୍ଷ ଗ୍ରୀଷ୍ମପ୍ରବାହ କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରାଜ୍ୟର ପ୍ରତି ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ନିଜ ନିଜ ଜିଲ୍ଲାରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ମାନେ ବିଦ୍ୟାଳୟ ଗୁଡିକୁ ଜରୁରୀ କାଳୀନ ଛୁଟି ଘୋଷଣା କରି ପାରିବେ । ରାଜ୍ୟ ସରକାରଙ୍କ ସେହି ନିର୍ଦ୍ଦେଶ ନାମାକୁ ପାଳନ କରି ରାଜ୍ୟରେ ଅନେକ ଜିଲ୍ଲାରେ ଜିଲ୍ଲାପାଳ ମାନେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜରୁରୀ କାଳୀନ ଛୁଟି ଘୋଷଣା କରିଛନ୍ତି । ଏମିତି କି ରାଜ୍ୟରେ କିଛି ଜିଲ୍ଲାରେ ଜରୁରୀ କାଳୀନ ଛୁଟି ଘୋଷଣାର ଅବଧି ସମାପ୍ତ ହେଲା ପରେ ମଧ୍ୟ ଜିଲ୍ଲାରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସେହି ଛୁଟିକୁ ବଳବତ୍ତର ରଖିଛନ୍ତି । ଶିଶୁ ଓ ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କେବଳ ଅଙ୍ଗନବାଡି ଓ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଘୋଷଣା କରାଯାଇଛି । କିନ୍ତୁ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିଦିନ ପରି ସକାଳ ସାଢେ ୬ଟାରୁ ୧୦ଟା ପର୍ଯ୍ୟନ୍ତ ଉପସ୍ଥିତ ରହିବାକୁ ଜିଲ୍ଲାପାଳ ମାନେ ଜାରି କରିଥିବା ଚିଠିରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି । ଏହା ସହିତ ବିଦ୍ୟାଳୟ ଗୁଡିକରେ ମାଟି ମାଠିଆରେ ପାଣି ଓ ଓଆରଏସ୍ ପ୍ୟାକେଟ ମହଜୁଦ ରଖିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ମାନଙ୍କ ନିର୍ଦ୍ଦେଶକୁ ଫୁ କରି ଅନେକ ଶିକ୍ଷକ ଶିକ୍ଷୟିତ୍ରୀ କେହି ବିଦ୍ୟାଳୟକୁ ଯାଉ ନଥିବାର ଚିତ୍ର ସାମ୍ନାକୁ ଆସିଛି । ଏହା ସହିତ ଜିଲ୍ଲା ବାହାରର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଜିଲ୍ଲା ପ୍ରଶାସନର ଜରୁରୀକାଳୀନ ଛୁଟିର ସୁଯୋଗ ନେଇ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ନିଜ ନିଜ ଘରକୁ ଯିବାକୁ ବେଡିଂ ବିସ୍ତର ବାନ୍ଧି ସାରିଲେଣି । ଏମିତି କି ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସିଆରସିସି ମାନଙ୍କୁ ହାତ କରି ନିଜ ନିଜ ଘରକୁ ଯାଇ ସାରିଲେଣି ବୋଲି ଅଭିଯୋଗ ଉଠିଲାଣି । ବର୍ତ୍ତମାନ ବିଦ୍ୟାଳୟ ଗୁଡିକରେ ନାମ ଲେଖା ଓ ଟିସି ଦେବା କାର୍ଯ୍ୟ ଚାଲୁ ଥିବା ବେଳେ ଚିନ୍ତାରେ ଅବିଭାବକ ମାନେ । ଏହା ସହିତ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ୨୦୨୭ ଜନଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ସେହିମାନେ ନିଜର କାର୍ଯ୍ୟ ଜାରି ରଖିଛନ୍ତି ବୋଲି ଦେଖିବାକୁ ମିଳିଛି । ଏକ ଅଭିଯୋଗ ଆସିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ୨୦ଟି ପଞ୍ଚାୟତରେ । ଏଠାରେ ୨୨୮ ଟି ବିଦ୍ୟାଳୟ ଥିବା ବେଳେ ସେଥି ମଧ୍ୟରୁ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୧୩୯ ,ଉଚ୍ଚ ପ୍ରାଥମିକ ବିଦ୍ୟାଳୟ- ୫୧, ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୧୨, ସରକାରୀ ଉଚ୍ଚ ବିଦ୍ୟାଳୟ ୧, ବ୍ଲକ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟ ୩, ଆଦର୍ଶ ବିଦ୍ୟାଳୟ ୧, ଆଶ୍ରମ ବିଦ୍ୟାଳୟ ୯ , ସରକାରୀ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗର ଉଚ୍ଚ ବିଦ୍ୟାଳୟ ୪ ଓ ବେସରକାରୀ ବିଦ୍ୟାଳୟ ୨ଟି ରହିଛି । ସମସ୍ତ ବିଦ୍ୟାଳୟ ଗୁଡିକରେ ମୋଟ ୨୨.୩୦୦ ଜଣ ଛାତ୍ରଛାତ୍ରୀ ଶିକ୍ଷାଦାନ ନେଉଛନ୍ତି । ଏହି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷାଦାନ କରିବା ପାଇଁ ସରକାରଙ୍କ ପକ୍ଷରୁ ମୋଟ ୮୫୪ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିୟୋଜିତ ହୋଇଛନ୍ତି । ୮୫୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରୁ ୨୦୨୭ ଜନଗଣନା କାର୍ଯ୍ୟ ପାଇଁ କିଛି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମଧ୍ୟ ନିୟୋଜିତ ହୋଇଛନ୍ତି । ବାକି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡାକଡି ନିର୍ଦ୍ଦେଶ ଦେଇଛନ୍ତି ଯେ ସକାଳ ୬.୩୦ ଠାରୁ ସକାଳ ୧୦.୩୦ ପର୍ଯ୍ୟନ୍ତ ବିଦ୍ୟାଳୟ ନିଜ ନିଜ ବିଦ୍ୟାଳୟ ଗୁଡିକରେ ଉପସ୍ଥିତ ରହିବା ପାଇଁ । କିନ୍ତୁ କିଛି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ନାମାକୁ ଫୁ କରି ସିଆରସିସି ମାନଙ୍କୁ ହାତ କରି ନିଜ ନିଜ ଘରକୁ ଯିବା ପାଇଁ ବେଡିଂ ବିସ୍ତରା ବାନ୍ଧି ସାରିଲେଣି । ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମପ୍ରବାହ କୁ ସାମ୍ନା କରିବା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିବା ବେଳେ ହାତ ଛାଡୁଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ ମାନେ । ଜିଲ୍ଲା ପ୍ରଶାସନ ଓ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଜୋର ଧରିଛି ।

## ଗୋରାଖୁଣ୍ଟା ପଞ୍ଚାୟତରେ ଶ୍ରମିକ କଲ୍ୟାଣ ଶିବିର

ମାଲକାନଗିରି,୨୩।୪(ସମିସ): ଜିଲ୍ଲାର ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଜାଲରେ ବାନ୍ଧିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ସକ୍ରିୟ ରହିଛି । ଏହି କ୍ରମରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୋରାଖୁଣ୍ଟା ଗ୍ରାମପଞ୍ଚାୟତଠାରେ ବିଶାଳ ସଚେତନତା ଓ ପଞ୍ଜୀକରଣ ଶିବିର ସଫଳତାର ସହ ସମ୍ପନ୍ନ ହୋଇଛି । ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋଡ ଏବଂ ଓଡ଼ିଶା ଅସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ପ୍ରଶାସନର ଦୂରଦୃଷ୍ଟି ପ୍ରତିଫଳିତ ହୋଇଛି । ଏହି ଶିବିରରେ ୯୧ ଜଣ ଶ୍ରମିକ ଯୋଗ ଦେଇଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର କରାଯାଇଥିବାରୁ ଏତେ ସଂଖ୍ୟକ ଶ୍ରମିକ ଏହି ସୁଯୋଗର ଲାଭ ଉଠାଇ




ପାରିଛନ୍ତି । ଶିବିରରେ ୫୧ ଜଣ ନୂତନ ଶ୍ରମିକଙ୍କ ପଞ୍ଜିକରଣ କରାଯିବା ସହ ୨୯ ଜଣଙ୍କର ନବୀକରଣ ଏବଂ ୨୧ ଜଣଙ୍କର ପୁନଃ ପଞ୍ଜିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଜିଲ୍ଲା ପ୍ରଶାସନର ଏହି ଅଭିଯାନ ମାଧ୍ୟମରେ ସରକାରୀ ଯୋଜନା ଗୁଡ଼ିକୁ ଶ୍ରମିକଙ୍କ ଦୁଆରମୁହଁରେ ପହଞ୍ଚାଇବା ପାଇଁ ଶ୍ରମ ବିଭାଗ ଓ ପଞ୍ଚାୟତ ସ୍ତରୀୟ ଅଧିକାରୀମାନଙ୍କୁ ସକ୍ରିୟ କରାଯାଇଛି । ସହକାରୀ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ , ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ସିଏସସି କର୍ମଚାରୀମାନେ ଉପସ୍ଥିତ ରହି ତତ୍ପରତା ପ୍ରଦର୍ଶନ କରିଥିଲେ । ଦୁର୍ଗମ ଅଞ୍ଚଳରେ ଏଭଳି ଶିବିର ଆୟୋଜନ କରି ଶ୍ରମିକମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଜିଲ୍ଲା ପ୍ରଶାସନର ଏହି ନିରନ୍ତର ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ସକାଳ THE SAKALA



## ପୁରୁଣାଗଡ଼ କୋଲାବ କେନାଲ ପୋଲ ସୁରକ୍ଷା ଚିନ୍ତା

# ଜନସ୍ୱାସ୍ଥ୍ୟ ବିଭାଗ ପାଇପ୍ ଲାଇନ୍ ସ୍ଥାନାନ୍ତର ନେଇ ଚାପ



ଜୟପୁର, ୨୩।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ମଧ୍ୟରେ ରହିଥିବା ପୌରସଂସ୍ଥାର୧୬ ନମ୍ବର ୱାର୍ଡ ପୁରୁଣାଗଡକୁ ସଂଯୋଗ କରୁଥିବା କୋଲାବ ଇରିଗେସନ ବିଭାଗର ମୁଖ୍ୟ କେନାଲ ଉପରେ ପ୍ରାୟ ୪୫ ବର୍ଷ ପୂର୍ବେ ନିର୍ମିତ ପୋଲର ସୁରକ୍ଷାକୁ ନେଇ ପୌରସଂସ୍ଥା ଚିନ୍ତିତ ରହିଥିବା ବେଳେ ଇରିଗେସନ ବିଭାଗର ଉକ୍ତ ପୋଲ ଉପରେ ସହରକୁ ଯୋଗାଣ ହେଉଥିବା ପାନୀୟ ଜଳ ପାଇପକୁ ତୁରନ୍ତ ସ୍ଥାନାନ୍ତିତ କରିବା ନେଇ ଜନସ୍ୱାସ୍ଥ୍ୟ ବିଭାଗ ଉପରେ ପୋଲର ଦାୟୀତ୍ୱରେ ରହିଥିବା ଇରିଗେସନ ବିଭାଗର ଚାପ ସୃଷ୍ଟି କରିଛନ୍ତି। ପୁରୁଣାଗଡ ଅଞ୍ଚଳ ଜୟପୁର ସହର ଏକ ବଡ ଜନବସତି ରହିଛି । ଏଠାରେ ପ୍ରାୟ ୫ହଜାରରୁ ଅଧିକ ଲୋକ ବସବାସ କରୁଛନ୍ତି। ତେଣୁ ଏହି ପୁରାତନ ପୋଲକୁ ନେଇ କୌଣସି ଅଘଟଣ ଘଟିଲେ, ପୁରୁଣାଗଡ଼ ଅଞ୍ଚଳ ସହର ଠାରୁ ବିଚ୍ଛିନ୍ନ ହେବା ସହ ଯାତାୟାତକୁ ନେଇ ବ୍ୟାପକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ସହରକୁ ପାନୀୟ ଜଳ ଯୋଗାଣ ଏହି ପୋଲ ଉପର ଦେଇ ମୁଖ୍ୟ ୩ଟି ପାଇପ୍ ମାଧ୍ୟମରେ ହେଉଥିବା ଯୋଗୁଁ ସହରକୁ ପାଣି ଯୋଗାଣ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବ। ତେଣୁ ଏଥିନେଇ ପୌରସଂସ୍ଥା ପକ୍ଷରୁ ଗତ ୨୦୨୩ ମସିହା ସେପ୍ଟେମ୍ବର ୨୫ ତାରିଖରେ କୋଲାବ ଇରିଗେସେନ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ପୋଲର ସୁରକ୍ଷା ନେଇ ଚିନ୍ତା ପ୍ରକଟ କରିବା ସହିତ ଲୋକଙ୍କ ଦାବି ଅନୁଯାୟୀ ନୂତନ ପୁରାତନ ପୋଲର ସୁରକ୍ଷା ଯାଞ୍ଚ କରାଯାଉ। ଏଥିରେ କୌଣସି ସମସ୍ୟା ରହିଥିଲେ, ତୁରନ୍ତ ନୂତନ ପୋଲ ନିର୍ମାଣ କରିବା ନେଇ ପଦକ୍ଷପ ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଥିଲେ । ଅନ୍ୟପକ୍ଷରେ ପୋଲ ଉଭୟ ପୁରୁଣାଗଡ଼ ଏବଂ ୩୨୬ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ମୁଖ୍ୟ କେନାଲ ଉପରେ ରହିଥିବା ପୋଲ ପ୍ରାୟ ୧୦ ଫୁଟ ତଳକୁ ରହିଛି। ଫଳରେ ସାମାନ୍ୟ ବର୍ଷାହେଲେ ଏହା ଉପରେ ଜଳ ଜମା ହେଉଥିବା ବେଳେ ପୋଲ ରାସ୍ତାର ଉଭୟ ପାର୍ଶ୍ୱରେ ଜନସ୍ୱାସ୍ଥ୍ୟ ବିଭାଗର ଉଭୟ ୩ଟି ଲୁହା ପାଇପ ଲାଇନ ରହିଛି । ଯାହା ଦ୍ୱାରା ସହରକୁ ପାନୀୟ ଜଳ ଯୋଗାଣ ଜନସ୍ୱାସ୍ଥ୍ୟ ବିଭାଗର ପୁରୁଣାଗଡ ଜଳଶୁଦ୍ଧିକରଣ ପ୍ଲାଣ୍ଟରୁ ଯୋଗାଣ ହେଉଛି। ତେଣୁ ପୋଲ ଉପରେ ଏହି ୩ଟି ବଡ ବଡ ପାନୀୟ ଜଳ ପାଇପ ରହିଥିବା ଯୋଗୁଁ ପୋଲ ରାସ୍ତା ଅଣଓସାରିଆ ସହିତ ଅଧିକ ଭାରାକ୍ରାନ୍ତ ହେଉଥିଛି। ଯାହାଫଳରେ ପୋଲର ସୁରକ୍ଷା ପ୍ରତି ବିପଦ ରହିଛି। ତେଣୁ ତୁରନ୍ତ ଜନସ୍ୱାସ୍ଥ୍ୟ ବିଭାଗ ପୋଲ ଉପରେ ରହିଥିବା ପାଇପ ଲାଇନକୁ ବାହାର କରିବା ସହିତ ନିଜସ୍ୱ ଖର୍ଚ୍ଚରେ ଅନ୍ୟ ବ୍ୟବସ୍ଥା ସ୍ୱରୁପ କେବଳ ଜଳ ଯୋଗାଣ ପାଇପ ଲାଇନକୁ କେନାଲ ଅତିକ୍ରମ କରିବା ନେଇ ନିଜସ୍ୱ ଏକ ଲୁହା କିମ୍ବା କଂକ୍ରିଟ ପୋଲ ନିର୍ମାଣ କରିବା ନେଇ ଜନସ୍ୱାସ୍ଥ୍ୟ ବିଭାଗକୁ ଏବଂ କେନାଲ ପାର୍ଶ୍ୱରେ ଡ୍ରେନ ନିର୍ମାଣ ନେଇ ପୌରସଂସ୍ଥାକୁ ଇରିଗେସନ ବିଭାଗ ପକ୍ଷରୁ ଗତ ୨୦୨୫ ଅକ୍ଟୋବର ୬ ତାରିଖରେ ପତ୍ର ମାଧ୍ୟମରେ ଅବଗତ କରିଥିଲେ । କିନ୍ତୁ କେନାଲ ରାସ୍ତା ଜାତୀୟ ରାଜପଥ ବିଭାଗର ହୋଇଥିବା ଯୋଗୁଁ ଜାତୀୟ ରାଜପଥ ବିଭାଗ ରାସ୍ତା ପାର୍ଶ୍ୱର ଡ୍ରେନ ନିର୍ମାଣ କରିବା ସହିତ ଡ୍ରେନର ରକ୍ଷଣାବେକ୍ଷଣ ନେଇ ପୌରସଂସ୍ଥାକୁ ହସ୍ତାନ୍ତର କରିବ। ଅନ୍ୟ ପକ୍ଷରେ ପାଇପ ଲାଇନ ସ୍ଥାନାନ୍ତରିତ ଅତିଶୀଘ୍ର କରିବା ଅସମ୍ଭବ। ତେଣୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତିଶୀଘ୍ର ଏକ ଅଟକଳ କରାଯାଇ କେନାଲ ଉପର ଦେଇ ନିଜସ୍ୱ ଖର୍ଚ୍ଚରେ କେବଳ ପାନୀୟ ଜଳ ପାଇପ ସହରକୁ ସଂଯୋଗ ପାଇଁ ଏକ ଲୁହା ଖୁଣ୍ଟ ନିର୍ମାଣ କରାଯିବା ନେଇ ଅଟକଳ କରାଯାଉଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଚିରଞ୍ଜିବୀ ମାହାଲି ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଇରିଗେସନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ନୀଳମଣି ଜ୍ଞାନଚାନ୍ଦ ବେହେରା କହିଛନ୍ତି ଯେ. ପୁରୁଣାଗଡ କେନାଲ ପୋଲ ସୁରକ୍ଷିତ ରହିଛି। କିନ୍ତୁ ଦୀର୍ଘ ୪୫ ବର୍ଷରୁ ଅଧିକ ହୋଇଥିବା ବେଳେ ଭାରୀଯାନ ଯାତାୟାତ ସମେତ ସ୍ଥାୟୀ ଭାବେ ଜନସ୍ୱାସ୍ଥ୍ୟ ବିଭାଗର ତିନୋଟି ବଡ ଜଳ ଯୋଗାଣ ପାଇଁ ଲୁହାପାଇପ ଲାଇନ ରହିଛି। ତେଣୁ ପାଇପ ଲାଇନ ହଟାଗଲେ ପୋଲ ଆଉକିଛି ବର୍ଷ ସୁରକ୍ଷିତ ଭାବେ ଯାତାୟାତ କରିପାରିବ। ତେଣୁ ଜନସ୍ୱାସ୍ଥ୍ୟ ବିଭାଗକୁ ଏଥିନେଇ ଗତ ୬ ମାସ ପୂର୍ବରୁ ଚିଠି ମାଧ୍ୟମରେ ପାଇପଲାଇନ କେନାଲ ଅତିକ୍ରମ କରିବା ପାଇଁ ଏହାର ସହାୟତା ବ୍ୟବସ୍ଥା କରିବା ପାଇଁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

## ଡକାୟତି ମାମଲାରେ ୩ ଗିରଫ




ସେମିଳିଗୁଡ଼ା, ୨୩।୪ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ପୁଲିସ ଡକାୟତି ମାମଲାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନା ଅଧିକାରିଣୀ ଅନିତା କୁଜୁର୍ ଠାରୁ ମିଳିଥିବା ସୂଚନା ଅନୁଯାୟୀ ୱିଡା ଅଫିସ ନିକଟସ୍ଥ ଭାରତମାଳା ଫାଟକ ନିକଟରେ ଚଳିତ ମାସ ୧୭ ତାରିଖ ରାତି ପ୍ରାୟ ସାଢ଼େ ୧୧ଟାରେ ଏକ ଟ୍ରକ୍ (ଓଡି ୧୦ବି ୪୩୧୧)ର ଡ୍ରାଇଭର ରାହୁଲ ଶର୍ମା ଟ୍ରକ ଭିତରକୁ ଶୋଇବାକୁ ପାଇଁ ଯାଉଥିବା ସମୟରେ ୩ ଜଣ ଦୁର୍ବୃତ୍ତ ହଠାତ ଟ୍ରକ୍ ଭିତରକୁ ଏମାନେ ପଶି ଟଙ୍କା ମାଗିଥିଲେ। ଟଙ୍କା ନାହିଁ ବୋଲି ରାହୁଲ କହିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମାଡ଼ ମାରିବା ସହିତ ଧମକ ଦେଇ ମୋବାଇଲ ଛଡାଇ ନେବା ସହ ପାସୱାର୍ଡ ମାଗି ନେଇଥିଲେ। ଏ ନେଇ ରାହୁଲ ୧୮ ତାରିଖରେ ସେମିଳିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ କେଶ୍ ନଂ-୫୬/୨୬ ଅନୁଯାୟୀ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉକ୍ତ ମୋବାଇଲ ଫୋନ୍ ପେ ବ୍ୟବହାର କରି ତିନି ଜଣ ବ୍ୟକ୍ତି ଏକ ହୋଟେଲରୁ ଖାଦ୍ୟ କିଣିଥିଲେ। ପୁଲିସ ସିସିଟିଭି ଫୁଟେଜ ଏବଂ ସାକ୍ଷୀମାନଙ୍କ ବୟାନକୁ ଅଧାର କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲେ। ସେମିଳିଗୁଡ଼ାର ବିପୁଲ , ମୁଖି ବିଡ଼ାଇର ସୁଜିତ ଗରଡା, ପବିତ୍ର ଖରାକୁ ଗିରଫ କରି ସେମାନଙ୍କଠାରୁ ୨ ମୋବାଇଲ, ୧୫ ଶହ ଟଙ୍କା ଓ ୨ ଛୁରି ଜବତ କରିଛନ୍ତି। ତିନି ଅଭିଯୁକ୍ତକୁ କୋର୍ଟ ଚାଲାଣ ଚରାଯାଇଛି। ଏହି ଘଟଣା ନେଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଅନୀତା କୁଜୁର ସୂଚନା ଦେଇଛନ୍ତି।

## ଇନ୍ଦ୍ରାବତୀ ଜଳଭଣ୍ଡାରରେ ଇକୋ ଟୁରିଜିମ୍ ପାଇଁ କ୍ଷେତ୍ର ପରିଦର୍ଶନ



ତେନ୍ତୁଳିଖୁଣ୍ଟି,୨୩।୪(ସମିସ): ତେନ୍ତୁଳିଖୁଣ୍ଟି ବ୍ଲକ୍ ତଥା ଇନ୍ଦ୍ରାବତୀ ଜଳଭଣ୍ଡାର ଅଞ୍ଚଳକୁ ସୌନ୍ଦର୍ଯ୍ୟକରଣ କରି ଇକୋ ଟୁରିଜିମ୍ର ମାନ୍ୟତା ଦେବା ପାଇଁ ଉଦ୍ୟମ ଜାରି ରହିଛି। ଜଳଭଣ୍ଡାର ମଧ୍ୟରେ ରହିଛି ଅନେକ ଆଇଲ୍ୟାଣ୍ଡ(ଟାପୁ) । ଏଥିପାଇଁ ପୂର୍ବରୁ ବାରମ୍ବାର କ୍ଷେତ୍ର ପରିଦର୍ଶନ କରାଯାଇଛି। ଆଜି ପୁଣି ଜଳ ଭଣ୍ଡାର ଅଞ୍ଚଳ ପରିଦର୍ଶନ କରିଛନ୍ତି ପ୍ରପରଟି ଇନଭେଷ୍ଟମେଣ୍ଟ ଆଡ୍ଭାଇଜର, ଏନଆରଆଇ ରିଏଲଷ୍ଟେଟ ଶ୍ୱେତା ମହାନ୍ତି, ହାର୍ଟ ଟ୍ରଷ୍ଟ ପ୍ରେସିଡେଣ୍ଟ ଡ. ବିଭୁତି ଭୂଷଣ ପଟ୍ଟନାୟକ। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ବିଡିଓ ମନୋଜ ପାଣିଗ୍ରାହୀ ସାଥିରେ ରହି କ୍ଷେତ୍ର ପରିଦର୍ଶନ କରିଛନ୍ତି। କପୁର ଡ୍ୟାମ ଠାରୁ ଲଞ୍ଚ ଯୋଗେ ସମ୍ପୃକ୍ତ ଟିମ ଜଳ ଭଣ୍ଡାର ମଧ୍ୟରେ ବୁଲି କ୍ଷେତ୍ର ପରିଦର୍ଶନ କରିଥିଲେ। ଜଳ ଭଣ୍ଡାର ମଧ୍ୟରେ ଅନେକ ଟାପୁ (ଆଇଲାଣ୍ଡ) ଗୁଡିକ ରହିଛି। ଏଣୁ ଜଳ ଭଣ୍ଡାର ପାଶ୍ୱର୍ ଏବଂ ଆଇଲାଣ୍ଡରେ କେଉଁ ପ୍ରକାର ସୌନ୍ଦର୍ଯ୍ୟକରଣ ହୋଇପାରିବ ସେନେଇ ଆଲୋଚନା କରିଥିଲେ। ଯଦି ଆଗକୁ ଜଳ ଭଣ୍ଡାର ଅଞ୍ଚଳକୁ ସୌନ୍ଦର୍ଯ୍ୟ କରଣ କରାଯିବ, ତା'ହେଲେ ପବ୍ଲିକ ପ୍ରାଇଭେଟ ପାର୍ଟନସିପ ଅନୁଯାୟୀ କାର୍ଯ୍ୟ ହୋଇପାରେ ବୋଲି ବିଡିଓ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ କପ୍ କ୍ଲବ୍ କ୍ରୀଡ଼ା ଉଦ୍‌ଯାପିତ



ନବରଙ୍ଗପୁର,୨୩।୪ (ସମିସ): ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କ୍ରୀଡା ସଂଘର ମିଳିତ ଆନକୂଲ୍ୟରେ ରାଜ୍ୟ ସ୍ତରୀୟ ୧୪ ଏବଂ ୧୬ ବର୍ଷରୁ କମ୍ ମୁଖ୍ୟମନ୍ତ୍ରୀ କପ୍ କ୍ଲବ ସ୍ତରୀୟ ଭଲିବଲ୍, କବାଡି, ଫୁଟବଲ୍ ଏବଂ ଖୋଖୋ ଟୁର୍ଣ୍ଣାମେଣ୍ଟ ନବରଙ୍ଗପୁର ଷ୍ଟାଡିୟମ୍‌ଠାରେ ଶେଷ ହୋଇଛି। ବାଳକ କବାଡି ପ୍ରତିଯୋଗିତାର ଫାଇନାଲରେ ଉମରକୋଟ କ୍ଲବ୍ , ବାଳିକା କବାଡିରେ ନବରଙ୍ଗପୁର ରିଲାଇନ୍ସ ସ୍ପୋର୍ଟି କ୍ଲବ୍ ଚାମ୍ପିୟନ୍ ହୋଇଛି। ଖୋଖୋ ପ୍ରତିଯୋଗିତାର ଫାଇନାଲରେ ବାଳକ ବିଭାଗରେ ବେଲଗାମ କ୍ଲବ୍ ଦଳ ବିଜୟ ହୋଇଥିବା ବେଳେ ବାଳିକା ବିଭାଗରେ ଚଟାଗୁଡ଼ା କ୍ଲବ ଦଳ ଚାମ୍ପିଅନ୍ ହୋଇଛି। ଭଲିବଲ୍‌ରେ ବାଳକ ବିଭାଗରେ ଉମରକୋଟ କ୍ଲବ୍ ଦଳ ଏବଂ ବାଳିକା ବିଭାଗରେ ଯୋଡିଙ୍ଗା କ୍ଲବ୍ ବିଜୟ ହାସଲ କରିଛନ୍ତି। ସେହିପରି ଫୁଟବଲ୍ କ୍ରୀଡାରେ ବାଳକ ବିଭାଗରେ ମିଲାନ କ୍ଲବ୍ ଦଳ ଏବଂ ବାଳିକା ବିଭାଗରେ ଜୋଡ଼ିଙ୍ଗା କ୍ଲବ୍ ଦଳ ଫାଇନାଲ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି। ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଯୋଗ ଦେଇ ବିଜେତା ଦଳ ମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଉପ ସଭାପତି ଏମ୍ ବାଲା କ୍ରୀଷ୍ଣା ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଜୀବନରେ କ୍ରୀଡା ସହ ପାଠ ପଢ଼ିବା ଜରୁରୀ ବୋଲି ମୁଖ୍ୟ ଅତିଥି ଜିଲ୍ଲାପାଳ ଡକ୍ଟର ସ୍ୱାଇଁ ଉପସ୍ଥିତ କ୍ରୀଡ଼ାବିତଙ୍କୁ କହିଥିଲେ। ସେହିପରି ନିଜ ସଭାପତିତ୍ୱ ଅଭିଭାଷଣରେ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ସହଯୋଗ ରେ ନବରଙ୍ଗପୁର ଠାରେ ଏକ ଆନ୍ତଃ ରାଜ୍ୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ସତ୍ୟଜିତ ଗହଣ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଭାତ ପଟ୍ଟନାୟକ, କ୍ରିକେଟ ସମ୍ପାଦକ ଅଶୋକ ନାୟକଙ୍କ ସମେତ ଜିଲ୍ଲା କ୍ରୀଡା ସଂଘର ସମସ୍ତ ସଦସ୍ୟ ଖେଳାଳିଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ ଭଲିବଲ୍, ଖୋଖୋ, କବାଡି ଏବଂ ଫୁଟବଲ୍ ବିଭାଗରେ ଜିଲ୍ଲାର ଉଭୟ ବରିଷ୍ଠ ଏବଂ କନିଷ୍ଟ ବର୍ଗର ୧୦ ଗୋଟି ବାଳକ ଏବଂ ୬ ଗୋଟି ବାଳିକା କ୍ଲବ ଦଳ ଭାଗ ନେଇଥିଲେ। କ୍ରୀଡା ଶିକ୍ଷକ କାଳିକିଙ୍କର ପଟ୍ଟନାୟକ, ସପନ ବୈରାଗୀ, ବିଭାଶିସ ଦେ , ଅଜିତ୍ ପରିଜା, ପୂରଭି ପରିଡ଼ା, ଫିରୋଜ ହିଆଲ୍‌ଙ୍କ ସମେତ ଜିଲ୍ଲାର ମଙ୍ଗଳ ବିଭାଗ ଏବଂ ଶିକ୍ଷା ବିଭାଗର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଉକ୍ତ ଖେଳକୁ ପରିଚାଳନା କରିଥିବା ବେଳେ କ୍ରୀଡା ସଂଘର ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରା, ଦୁର୍ଯ୍ୟ ହରିଜନ, ଜି . ଚନ୍ଦ୍ର ଶେଖର ରାଜା, ହରି ସାନ୍ତା ପ୍ରମୁଖ ସହଯୋଗ କରିଥିଲେ।

## ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



ମାଲାନଗିରି,୨୩।୪(ସମିସ): ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ମାଲକାନଗିରି ଶାଖା ଦ୍ୱାରା ସିନ୍ଧିରିମାଳ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ପଟଲାଙ୍କ ଅଧ୍ୟକ୍ଷତାରେ ଏକ ଆର୍ଥିକ ସାକ୍ଷରତା ଶିବିର ଆୟୋଜନ କରାଯାଇଥିଲା। ସେଥିରେ ସ୍କୁଲର ଛାତ୍ରୀ ମାନଙ୍କୁ ବ୍ୟାଙ୍କର ବିଭିନ୍ନ ଜମା ଯୋଜନା, କେନ୍ଦ୍ର ସରକାରଙ୍କର ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା, ଶିକ୍ଷା ଋଣ ଯୋଜନା ଏବଂ ବିଭିନ୍ନ ପ୍ରକାର ସାଇବର ଠକେଇ ବିଷୟରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବ୍ୟାଙ୍କ ଅଧିକାରୀ ଚକ୍ରଧର ନାୟକ, ସମ୍ମାନିତ ଅତିଥି ଭାବେ ରଞ୍ଜନ କୁମାର ସ୍ୱାଇଁ, ଏସ୍‌ବିଆଇ ଶାଖାର ସହକାରୀ ଶାଖା ପ୍ରବନ୍ଧକ ଅଜିତ କୁମାର ଆଚାର୍ଯ୍ୟ ଏବଂ ମାଲକାନଗିରି ଜିଲ୍ଲାର ଆର୍ଥିକ ପରାମର୍ଶ ଦାତା ହରିନାଥ ପଣ୍ଡା ଉପସ୍ଥିତ ହୋଇ ନିଜର ଅଭିଭାଷଣ ରଖିଥିଲେ।

## ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଦଳ ଘୋଷଣା





ନବରଙ୍ଗପୁର,୨୩।୪(ସମିସ): ରାଜ୍ୟ କ୍ରିକେଟ୍ ସଂଘ ଏବଂ ଜିଲ୍ଲା କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ ପରିସରରେ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ ୧୬ ଜଣିଆ ଦଳ ଚୟନକୁ କରାଯାଇଛି। ଅଜିତା ଦାସଙ୍କ ନେତୃତ୍ୱରେ ଉକ୍ତ ୧୬ ଜଣିଆ ଦଳକୁ କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଘୋଷଣା କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ରଇଲା ଭତ୍ରା , ଗୁଡଲି ଦୋରା, ଇସ୍ମିତା ସୌରା, ସୁଭଙ୍ଗ ଶୌରା, ଅନନ୍ୟା ପ୍ରିୟଦର୍ଶନୀ ଦାସ, ରନିଶା ପଟ୍ଟନାୟକ, ଆକୃତି ଜେନା କାମାକଲି ଜାନି, ତପସ୍ୱିନୀ ଦିସାରି , ଅଶ୍ୱିନୀ କୁମାରୀ ଜଜ, ଯଜ୍ଞାସିନି ହରିଜନ, ମାଧୁରୀ ଗଣ୍ଡ , ସଜିଡା ଫରୁକାନ, ରାକ୍ଷୀ ନାୟକ, ଏ.ଡଲ ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି। ମ୍ୟାନେଜର ଭାବରେ ସଂଘର ବରିଷ୍ଟ ସଦସ୍ୟ ଶଶାଙ୍କ ଶେଖର ବେହେରା ଏବଂ କୋଚ୍ ଭାବରେ ସୁବ୍ରତ ଗଣ୍ଡ ଙ୍କୁ ଦାୟିତ୍ୱ ଦିଆଯାଇଛି। କ୍ରିକେଟ୍ ସଂଘର ସହ ସମ୍ପାଦକ ଏମ୍ ବାଲା କ୍ରୀଷ୍ଣା ରାଓ , ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସମେତ ସଂଘର ଅନ୍ୟ ସମସ୍ତ ସଦସ୍ୟ ଖେଳାଳିଙ୍କ ସଫଳତା କାମନା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ କଟକ ଠାରେ ଏଇ ଟୁର୍ଣ୍ଣାମେଣ୍ଟ ଏପ୍ରିଲ ୨୩ ତାରିଖରୁ ଆରମ୍ଭ ହୋଇଯାଇଛି। ଓଡ଼ିଶା କ୍ରିକେଟ ସଂଘ ଦ୍ୱାରା ଗଠିତ ୬ ଗୋଟି ଗ୍ରୁପ ମଧ୍ୟରୁ ନବରଙ୍ଗପୁର ଜିଲ୍ଲା ଦଳ ଗ୍ରୁପ ସିରେ ସ୍ଥାନ ପାଇଥିବା ଯୋଗୁଁ ଜିଲ୍ଲା ଦଳ ଆସନ୍ତା ୨୩ ଏପ୍ରିଲ ରୁ ୨୮ ଏପ୍ରିଲ ପର୍ଯ୍ୟନ୍ତ ଏକ ଦିବସୀୟ ଫର୍ମାଟରେ ସୁନ୍ଦରଗଡ଼, ନୟାଗଡ଼, ବଲାଙ୍ଗୀର, କେଉଁଝର,ବୌଦ ଏବଂ ଦେଓଗଡ଼ ସହ ଲିଗ୍ ମ୍ୟାଚ୍ ଖେଳିବେ ବୋଲି ବରିଷ୍ଠ ସଦସ୍ୟ ଅଶୋକ ନାୟକ ସୂଚନା ଦେଇଛନ୍ତି।

## ଛାତ୍ରାବାସରେ ମଶାମାଛିଙ୍କ ପ୍ରାଦୁର୍ଭାବ

ଉମରକୋଟ,୨୩।୪(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ଭାମିନୀ ସରକାରୀ ଉଚ୍ଚ ବିଦ୍ୟାଳୟ ଆଶ୍ରମ ବିଦ୍ୟାଳୟ ଛାତ୍ରାବାସ ପରିସରରେ ଅପରିଷ୍କାର ରହିବା ଏକ ଗମ୍ଭୀର ସମସ୍ୟା। ଯାହା ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ପରିବେଶକୁ ପ୍ରଭାବିତ କରୁଛି। ଗତ କିଛି ଦିନ ତଳେ ଛାତ୍ରାବାସ ଠାରେ ଛାତ୍ରଙ୍କ ମୃତ୍ୟୁ ଘଟଣା ପରେ ସାମ୍ନାକୁ ଆସିଛି ଏଭଳି ଦୃଶ୍ୟ । ବିଦ୍ୟାଳୟ ଷ୍ଟୋରରୁମ ଠାରେ ବୁଢିଆଣି ଜାଲ ଭିତରେ ଚାଉଳ ଏଣେତେଣେ ପଡ଼ି ରହିଛି। ଆଶ୍ରମ ବିଦ୍ୟାଳୟ ଠାରେ ପରିତ୍ୟକ୍ତ ଘର ଓ ଶୌଚାଳୟ ରହିଛି । ହେଲେ କାନ୍ଥ ଗୁଡ଼ିକ ଫାଟି ଆଁ କଲାଣି। ଆଶ୍ରମ ବିଦ୍ୟାଳୟ ପରିସରରେ ଆବର୍ଜନା ଗଦା ହୋଇ ରହିଛି। ସରକାର ସ୍ୱଚ୍ଛତା ଉପରେ ବିଭିନ୍ନ କାର୍ଯ୍ୟକ୍ରମ କରି ସଚେତନତା କରୁଛନ୍ତି। ହେଲେ ଏହି ଆଶ୍ରମ ବିଦ୍ୟାଳୟ ଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବିଜେଡିର ଏକ ପ୍ରତିନିଧି ଦଳ ଆଶ୍ରମ ବିଦ୍ୟାଳୟ ପରିସରକୁ ଯାଇ ତଦନ୍ତ କରୁଥିବା ବେଳେ ବିଦ୍ୟାଳୟର ଗୁରୁତର ଅବ୍ୟବସ୍ଥାର ତଥ୍ୟ ସାମ୍ନାକୁ ଆସିଥିଲା। ଛାତ୍ରଛାତ୍ରୀ ମାନେ ଅସ୍ୱାସ୍ଥ୍ୟକର ପରିବେଶ ରେ ରହୁଥିବା ଦେଖି ବିଜେଡିର ଏହି ପ୍ରତିନିଧି ଦଳ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ବିଷୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ମାଝୀଙ୍କୁ ପଚାରିବାରୁ ସେ କହିଛନ୍ତି ଏବିଷୟରେ ତଦନ୍ତ କରି ଛାତ୍ରାବାସର ପରିସର କିପରି ସ୍ୱଚ୍ଛତା ରଖାଯାଇପାରିବ ପ୍ରଧାନ ଶିକ୍ଷକଙ୍କୁ କୁହାଯାଇଛି। ଯଦି ବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ନ ଯାଏ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଶ୍ରୀଗଣେଶଙ୍କ ମନ୍ଦିର ପ୍ରତିଷ୍ଠା



ପଦ୍ମପୁର, ୨୩।୪(ସମିସ): ଆଜି ରାୟଗଡ଼ ଜିଲ୍ଲା ପଦ୍ମପୁର ସ୍ଥିତ ଥାନା ପରିସର ମଧ୍ୟରେ ଅଞ୍ଚଳର ଜନସାଧାରଣଙ୍କ ମନରେ ଶାନ୍ତି ସହ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ନିମନ୍ତେ ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନ ତଥା ଥାନାର ଅନ୍ୟାନ କର୍ମଚାରୀଙ୍କ ଉଦ୍ୟମରେ ବିଘ୍ନରାଜ ଶ୍ରୀଗଣେଶଙ୍କ ବିଗ୍ରହ ତଥା ମନ୍ଦିର ପ୍ରତିଷ୍ଠା କରାଯାଇଛି। ସକାଳୁ ଅଞ୍ଚଳର ସୁନାମ ଧନ୍ୟ ବ୍ରାହ୍ମଣ ପୁରୁହିତ ଅଭି ମିଶ୍ରଙ୍କ ବୈଦିକ ମନ୍ତ୍ର ଉଚ୍ଚାରଣ ତଥା ହୋମଯଜ୍ଞ ସହ କର୍ତ୍ତା ଧରଣୀଧର ପ୍ରଧାନ ଓ ତାଙ୍କ ସହଧର୍ମିଣୀଙ୍କ ଦ୍ୱାରା କାର୍ଯ୍ୟକ୍ରମର ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୁପେ ଗୁଣୁପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ବାବୁଲି ନାୟକ, ପଦ୍ମପୁର ତହସିଲଦାର ଶୁଭାଶିଷ ଶତପଥି, ବିଡ଼ିଓ କୁରେଶଚନ୍ଦ୍ର ଜାନି, କେନ୍ଦୁଗୁଡା ଫାଣ୍ଡି ଏଏସଆଇ ଯଶ କିଷନ ସାହୁଙ୍କ ସହ ଗୁଡାରି, ରାମନାଗୁଡା ଅଞ୍ଚଳର ଥାନା ପଦାଧିକାରୀ,ପଦ୍ମପୁର ଅଞ୍ଚଳର ସୁନାମ ଧନ୍ୟା କବୟିତ୍ରୀ ତଥା ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା ଉପସ୍ଥିତ ଥିଲେ। ପଦ୍ମପୁର ଥାନାର ଏଏସଆଇ କ୍ଷୀରସିନ୍ଧୁ ସାହୁ, ଗୀତାରାଣୀ, ଶିବ ପ୍ରସାଦ ସାହୁ, ସୁଶୀଲ କୁମାର ଜେନା ପ୍ରମୁଖଙ୍କ ସହ ଥାନାର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ମାଇଦଲପୁର ଲ୍ୟାମ୍ପସ ଏମ୍‌ଡିଙ୍କ ବିରୋଧରେ ତଦନ୍ତ ଦାବି କଲା କଂଗ୍ରେସ



ନବରଙ୍ଗପୁର,୨୩।୪(ସମିସ): ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାନେତ୍ରୀ ସୁଶ୍ରୀ ଲିପିକା ମାଝୀ ମାଝୀଙ୍କ ଆବାହନ କ୍ରମେ ବୁଧବାର ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଆନ୍ତରିକତାର ଅଭାବରୁ ନବରଙ୍ଗପୁର ଜିଲ୍ଲାର ଚାଷୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ବୋଲି କହିଛନ୍ତି ଲିପିକା ମାଝୀ। ଜିଲ୍ଲାରେ ଗୋଟିଏ ଆର୍‌ଏମ୍‌ସି ରହିଥିବା ଯୋଗୁଁ ଜିଲ୍ଲାର ଅନ୍ୟ ୫ ବ୍ଲକ୍‌ର ଚାଷୀଙ୍କୁ ଦୂର କାରଣରୁ ନବରଙ୍ଗପୁର ଆର୍‌ଏମ୍‌ସିକୁ ଆସି କାର୍ଯ୍ୟ କରିବାରେ ବହୁ ଅସୁବିଧା ହେଉଛି। ପ୍ରତି ବର୍ଷ ଆର୍‌ଏମ୍‌ସି ଯେଉଁ ଭାବରେ ଟଙ୍କା ପାଉଛି ସେହି ଭାବରେ ଚାଷୀଙ୍କ ପାଇଁ କିଛି ସୁବିଧା କରୁ ନ ଥିବା ଅଭିଯୋଗ କରିଛନ୍ତି ସୁଶ୍ରୀ ମାଝୀ। ଏଥି ସହିତ ଜିଲ୍ଲାର ମାଇଦଲପୁର ଲ୍ୟାମ୍ପସ ଏମ୍‌ଡି ଆଜିକୁ ଅଢେଇ ବର୍ଷ ହେବ ଗୋଟିଏ ମଧ୍ୟ ବୋର୍ଡ ବୈଠକ ଡାକି ନାହାନ୍ତି। ଏଥି ସହିତ ଏହି ଲ୍ୟାମ୍ପସରେ ଏମ୍‌ଡିଙ୍କ ଜାଣତରେ ବହୁ ଅନିୟମିତତା ହେଉଛି । ସେଥିପାଇଁ ଏହାର ଭିଜିଲାନ୍ସ ତଦନ୍ତ କରାଯାଇ ଏହି ଲ୍ୟାମ୍ପସ ଏମଡିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି । କାରଣ ପୂର୍ବରୁ ମଧ୍ୟ ବହୁବାର ଏହି ମାଇଦଲପୁର ଲ୍ୟାମ୍ପସ ଏମ୍‌ଡିଙ୍କ ବିରୋଧରେ ବହୁ ବାର ଅଭିଯୋଗ ରହିଛି ବୋଲି କହିଛନ୍ତି ଜିଲ୍ଲା କଂଗ୍ରେସ୍ ସଭାନେତ୍ରୀ ସୁଶ୍ରୀ ଲିପିକା ମାଝୀ। ଏହି ଅବସରରେ ପ୍ରଥମେ ଅଧ୍ୟକ୍ଷ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି, ସମବାୟ ପ୍ରକୋଷ୍ଠ ରାଷ୍ଟ୍ରୀୟ ସଂଯୋଜକ ତଥା ଅଖିଳ ଭାରତ କିସାନ କଂଗ୍ରେସ ରାଜ୍ୟ ମୁଖ୍ୟ ଅମୀୟ କୁମାର ପଟ୍ଟନାୟକ ଯୋଗ ଦେଇ ନବରଙ୍ଗପୁର ଜିଲ୍ଲାପାଳ ଙ୍କୁ ସାକ୍ଷାତ କରି ଜିଲ୍ଲାରେ ରେ ସମବାୟ ସଂସ୍ଥା କିଭଳି ଦୁର୍ଦ୍ଦିନରେ ଚାଲିଛି ଚାଷୀ ଙ୍କ ସମସ୍ୟାକୁ ନେଇ ଆଲୋଚନା କରିଥିଲେ। ଜିଲ୍ଲା ସଦର ମହକୁମା ଠାରେ ଗୋଟେ ମାତ୍ର ନିୟନ୍ତ୍ରିତ ବଜାର କମିଟି ସଂସ୍ଥା ରହିଛି ସୂଚନା ମୁତାବକ ଆଜିକୁ ପ୍ରାୟ ୧୫ ବର୍ଷ ହେବ ନିର୍ବାଚନ ହୋଇ ନାହିଁ।ଲୋକ ପ୍ରତିନିଧି ରହିବା ସ୍ଥାନରେ ଯଦି ଖାଲି ପଡେ ତାହାହେଲେ ଲୋକଙ୍କ ପାଇଁ ଲଢ଼ିବ କିଏ ସରକାର ସେଥିପ୍ରତି ଗୁରୁତ୍ୱ ନ ଦେବା ଦୁର୍ଭାଗ୍ୟ ଜନକ। ଉମରକୋଟ ଠାରେ ଆଉ ଏକ ନିୟନ୍ତ୍ରିତ ବଜାର କମିଟି ସଂସ୍ଥା ଗଠନ କରାଯିବା ଆବଶ୍ୟକ। ଶୀତଳ ଭଣ୍ଡାର ନ ଥିବା କାରଣରୁ ଚାଷୀ ଉଚିତ ଦର ପାଇପାରନ୍ତି ନାହିଁ। ନିର୍ବାଚନ ସମୟରେ ସରକାରୀ ଦଳ ଘୋଷଣା କରିଥିଲେ ପ୍ରତି ପଞ୍ଚାୟତରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଚାଷୀଙ୍କୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଛାଡ଼ କୁଆଡ଼େ ଗଲା ବୋଲି ଶ୍ରୀ ପଟ୍ଟନାୟକ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ ଏବଂ ଏ ନେଇ ଆନ୍ଦୋଳନ ଧମକ ଦେଇଥିଲେ। ଏହି ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ସଭାପତି ଲିପିକା ମାଝୀ, ଜିଲ୍ଲା କିଷାନ୍ ସେଲ ମୁଖ୍ୟ ସନରାଜ ଗଣ୍ଡ, ପୂର୍ବତନ ଜିଲ୍ଲା ସଭାପତି ମୁନା ତ୍ରିପାଠୀ, ବରିଷ୍ଠ ନେତା ଦିଲ୍ଲୀପ ବେହେରା, ବୃନ୍ଦାବନ ତ୍ରିପାଠୀ, ଇସା ଲାଠିଆ, ପ୍ରଦୀପ ସାହୁ,ଗଣେଶ ପଟନାୟକ, ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ଆସିଥିବା ସମବାୟ ସଂସ୍ଥା ଦଳୀୟ ସଭ୍ୟ, ପ୍ରତାପ ସିଂହ ଗଣ୍ଡ, ଗଣେଶ ରାମ, ରାକେଶ ରାଜପୁତ, ପର୍ଶୁ ନାୟକ, ରାସଚନ୍ଦ୍ର ନାୟକ, ମହେଶ୍ୱର ହରିଜନ, ଦେଓ ସିଂ ଗଣ୍ଡ, କୁସୀୟା ମାଝୀ, ରଘୁନାଥ ମାଝୀ, ବସନ୍ତ ବିଶୋଇଙ୍କ ସହ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଦ୍ୟୁତ୍ କାଟ ନେଇ ଗ୍ରାହକ ଅସନ୍ତୋଷ

ସେମିଳିଗୁଡା,୨୩।୪(ସମିସ):କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ଗତ କିଛି ଦିନରୁ ବିଦ୍ୟୁତ କାଟ ନେଇ ଗ୍ରାହକ ଅସନ୍ତୋଷ ପ୍ରକାଶ କରିଛନ୍ତି । ବିଶେଷ କରି ଟାଟା ପାୱାର୍ (ଟିପିଏସ ଏସଓଡିଏଲ) ର ବିଦ୍ୟୁତ କାଟ୍‌କୁ ନେଇ ସହରର ଗ୍ରାହକ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । କିଛିଦିନ ହେଲା ବିଦ୍ୟୁତ ବିଭାଗ ପକ୍ଷରୁ ଅଘୋଷିତ ବିଦ୍ୟୁତ କାଟ୍ ଯୋଗୁ ଅସୁବିଧା ଭୋଗୁଥିବା ଗ୍ରାହକ ଅଭିଯୋଗ କରିଛନ୍ତି । ଅଧିକ ସମୟରେ କେଉଁ କାରଣରୁ ବିଦ୍ୟୁତ୍ କାଟ୍ ହେଉଛି ତାହା ଜଣାପଡୁନି । ବିନା ସୂଚନା ରେ କାଟ୍ କରିବା ଅଭ୍ୟାସ ପାଲଟିଛି । ପ୍ରାୟ ଦୁଇ ତିନି ଘଣ୍ଟା ବିଦ୍ୟୁତ କାଟ୍ ହେଉଛି । ଘଣ୍ଟା ଘଣ୍ଟା ଧରି ଲୋକ ଅନ୍ଧାରରେ ରହୁଥିବା, ବ୍ୟବସାୟ ପ୍ରତିଷ୍ଠାନ ଗୁଡିକରେ ମଧ୍ୟ ହଇରାଣ ହେଉଛନ୍ତି । ବିଶେଷ କରି ସେମିଳିଗୁଡା ଗାନ୍ଧୀନଗରରେ ବିଦ୍ୟୁତ୍ କାଟ୍ ଯୋଗୁଁ ଲୋକ ଅଧିକାଂଶ ସମୟରେ ଅନ୍ଧାରରେ ରହୁଛନ୍ତି । ଦିନ ରାତି କାଟ୍ ହେଉଥିବା ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । ପୂର୍ବେ କେବେ ଏଭଳି ପରିସ୍ଥିତି ନଥିବା ବେଳେ ଟାଟା ପାୱାର୍ ଦାୟିତ୍ୱ ନେବା ପରେ ବିଦ୍ୟୁତ କାଟ୍ ବାରମ୍ବାର ହେଉଛି । ଲୋକେ ବିଭାଗ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏନେଇ ବିଭାଗୀୟ କର୍ମଚାରୀ ତଥା ଅଧିକାରୀଙ୍କୁ ଲୋକେ ପଚାରିଲେ, ସେମାନେ ଚିରାଚରିତ ଢଙ୍ଗରେ ସଜଡା ଚାଲିଛି, କାମ ସରିଲେ ଲାଇନ୍ ଦିଆଯିବ କହୁଥିବା ଏବଂ ଅନେକ ସମୟରେ ଫୋନ୍ ସୁଇଚ୍ ଅଫ୍ କରି ଦେଉଥିବା ଅଭିଯୋଗ ହୋଇଛି । ବିଭାଗୀୟ ଏସ୍‌ଡିଓ , ଜୁନିଅର ଇଞ୍ଜିନିୟର ଓ ଅନ୍ୟ କର୍ମଚାରୀ ଫୋନ ବି ରିସିଭ୍ କରୁ ନାହାନ୍ତି । ଗତ ଦଶ ଦିନରୁ ଗାନ୍ଧୀ ନଗରରେ ଏହି ସ୍ଥିତି ରହିଛି । ଗରମ ଦିନରେ ବିଦ୍ୟୁତ୍ କାଟ୍ ନ କରିବା ପାଇଁ ଉପ ମୁଖ୍ୟମନ୍ତ୍ରୀ ଓ ବିଭାଗ ମନ୍ତ୍ରୀ ଇତି ମଧ୍ୟରେ ନିର୍ଦ୍ଦେଶ ଜାରି କରିଛନ୍ତି । କିନ୍ତୁ ଏହି ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ସମସ୍ୟା ଦେଖାଯାଉଛି । ବୁଧବାର ଓ ଗୁରୁବାର ଦିନ ସାରା ଦିନ ବିଦ୍ୟୁତ୍ କାଟ୍ ଥିବା ଯୋଗୁଁ ଲୋକେ ପାଣି ପାଇଁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପ୍ରବଳ ଗରମ ଯୋଗୁଁ ଆବାଳ ବୃଦ୍ଧ ବନିତା ବହୁତ୍ କଷ୍ଟ ଅନୁଭବ କରିଥିଲେ । ବିଦ୍ୟୁତ୍ ବିଭାଗର ଏପରି ମନୋମୁଖୀ କାର୍ଯ୍ୟକଳାପ ପାଇଁ ଜନ ଅସନ୍ତୋଷ ବଢୁଛି । ଏନେଇ ସୁନାବେଡା ବିଦ୍ୟୁତ ବିଭାଗର ଏସଡିଓ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣ ରେ ଦାବି ହେଉଛି ।

## ମାଲକାନଗିରି ଜିଲ୍ଲାରେ ସାମିଲ ପାଇଁ ଜିଦ୍

# ଜନଗଣନାକୁ କୁଲାବେଡା ଗ୍ରାମବାସୀଙ୍କ ବିରୋଧ



ବୈପାରୀଗୁଡ଼ା,୨୩।୪(ସମିସ): କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସୀମାନ୍ତ ଅଞ୍ଚଳ କୁଲାବେଡା ଗାଁଟି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡ଼ି ପଞ୍ଚାୟତ ଅଧିନରେ ଅବସ୍ଥିତ । ଏଠାରେ କୋରାପୁଟ ଜିଲ୍ଲା ପ୍ରଶାସନର ଜନ ଗଣନାକୁ ବିରୋଧ କରାଯାଉଛି । ସର୍ଭେ ପାଇଁ ଗାଁ କୁ ଆସିଥିବା ଶିକ୍ଷକଙ୍କୁ ସର୍ଭେ କରିବାକୁ ଦିଆଯାଉନାହିଁ । ଆଜି ମଧ ଶିକ୍ଷକ ସର୍ଭେ ପାଇଁ ଯାଇଥିବା ବେଳେ ମନା କରିବାରୁ ବାଧ ହୋଇ ଫେରିଗଲେ । କୁଲାବେଡା ଗାଁକୁ ମାଲକାନଗିରି ଜିଲ୍ଲାରେ ସାମିଲ କରିବା ପାଇଁ ଦାବି ହେଉଛି । ସୂଚନା ଥାଉକି, କାଲି ଗାଁ ଲୋକଙ୍କ ଅଭିଯୋଗ ପରେ ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ, ସ୍ଥାନୀୟ ତହସିଲଦାର ସିଂଗ୍ଧା ଚୌଧୁରୀ, ମାଥିଲି ଅତିରିକ୍ତ ତହସିଲଦାରଙ୍କୁ ନେଇ କୁଲାବେଡା ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ । ଜନ ଗଣନା-୨୦୨୭ କାର୍ଯ୍ୟକ୍ରମରେ ପ୍ରଶାସନକୁ ସହଯୋଗ କରବା ପାଇଁ ଅନୁରୋଧ କରିଥିଲେ। ଗାଁ ଲୋକେ ମଧ ମାନିଯାଇଥିଲେ। କିନ୍ତୁ ଆଜି ପୁଣି ଯେତେବେଳେ ଶିକ୍ଷକ ଗାଁରେ ପହଞ୍ଚି ସର୍ଭେ ଆରମ୍ଭ କଲେ ସେହି ସମୟରେ ଗାଁ ଲୋକେ ମନା କରିଦେଲେ। ଗାଁ ଲୋକଙ୍କ କହିବା ଅନୁଯାୟୀ , କୁଲାବେଡା ଗାଁରେ ସମସ୍ତ ସରକାରୀ ସୁବିଧା ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଦିଆଯାଇଛି । ଗାଁରେ ସ୍କୁଲ, ଅଙ୍ଗନବାଡି, ରାସ୍ତା ଘାଟ, ଶୌଚାଳୟ, ଆବାସ ଯୋଜନା ଭଳି ସମସ୍ତ ସୁବିଧା ମିଳିଛି । ଲୋକେ ରାସନ, ଭତ୍ତା, ସ୍ୱାସ୍ଥ୍ୟ ବୀମା, ଜବ କାର୍ଡ ସୁବିଧା ପାଉଛନ୍ତି । କିନ୍ତୁ ସେମାମଙ୍କ ଜମି ପଟ୍ଟା କୋରାପୁଟ ଜିଲ୍ଲା ବୈପାରୀଗୁଡା ତହସିଲଦାର ଅଧିନରେ ରହିଛି । ଜନ ଗଣନା ହେଲେ ମାଲକାନଗିରି ତରଫରୁ ପାଉଥିବା ଏହି ସମସ୍ତ ସୁବିଧାରୁ ବଞ୍ଚିତ ହୋଇଯିବେ। କରୁଛନ୍ତି । ଆମ ପ୍ରତିନିଧି ଗାଁକୁ ଯାଇ ଲୋକଙ୍କ ସହ ଏହି ସମସ୍ୟା ବିଷୟରେ ଆଲୋଚନା କରିବା ପରେ ସ୍ଥାନୀୟ ତହସିଲଦାରଙ୍କ ନଜରକୁ ଆଣିଥିଲେ । ତହସିଲଦାର କହିଛନ୍ତି



### ଉପଜିଲ୍ଲାପାଳଙ୍କ କଥା ଶୁଣିଲେନି

ଆଉ ପଞ୍ଚାୟତ କାର୍ଯ୍ୟାଳୟ ଦୂର ସାଙ୍ଗକୁ ଜଙ୍ଗଲ ଘାଟି ରାସ୍ତା ଯୋଗୁଁ ଗାଁ ଲୋକେ ଅସୁବିଧା ସମ୍ମୁଖୀନ ହେବେ। କୋରାପୁଟ ଜିଲ୍ଲା ପ୍ରଶାସନ ତରଫରୁ ଗୋଟିଏ ଅଙ୍ଗନବାଡିତ ଅଛି । କିନ୍ତୁ ସେ ସଠିକ ଚାଲୁନି । ଏଣୁ କୋରାପୁଟ ଜିଲ୍ଲା ପ୍ରଶାସନର ଜନ ଗଣନାକୁ ସହଯୋଗ କରୁନାହାନ୍ତି । ମାଲକାନଗିରି ଜିଲ୍ଲାରେ ସେମାନେ ସାମିଲ ହେବା ପାଇଁ ଦାବି , ଯେହେତୁ କୁଲାବେଡା ଗାଁ ରେ ମୋଟ ଘର ସଂଖ୍ୟା ୧୧୪ ରହିଥିବା ବେଳେ ୧୧୦ଟି ଘର କୋରାପୁଟ ଜିଲ୍ଲାରେ ଅବସ୍ଥିତି ଏବଂ ଚାରୋଟି ଘର ମାଲକାନଗିରି ଜିଲ୍ଲାରେ ରହିଛି । ମାଥିଲି ତହସିଲଦାରଙ୍କ ସହ ସମସ୍ୟା ବିଷୟରେ ଆଲୋଚନା କରି ସମାଧାନ କରିବା ପାଇଁ ଚେଷ୍ଟା କରାଯିବ । ନଚେତ ଜିଲ୍ଲା ପ୍ରଶାସନକୁ ଅବଗତ କରାଯିବ ।

**● ଅପହରଣ ପରେ ଅସଦାଚରଣ**

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ଯୁବତୀ



କୋରାପୁଟ,୨୩।୪(ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ ପୂଜାରୀପୁଟ ଗ୍ରାମର ଜଣେ ଯୁବତୀ ଗୁରୁବାର ଜିଲ୍ଲା ପୋଲିସ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କୁ ପରିବାର ସହ ଭେଟି ତାଙ୍କୁ ଲମତାପୁଟ ଅଞ୍ଚଳର ଦମ୍ପତି ଅପହରଣ କରିନେବା ଓ ୭ ଦିନ ଧରି ସ୍ତ୍ରୀ ଜାଣତରେ ସ୍ୱାମୀ ଅସଦାଚରଣ କରିବା ସମ୍ପର୍କରେ ପାଡୁଆ ଥାନାରେ ଦେଇଥିବା ଏତଲାର ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଅଭିଯୋଗ କରିଛନ୍ତି। ଏସ୍‌ପି ଶ୍ରୀ ବର୍ମା ଯୁବତୀ ଓ ପରିବାର ଲୋକଙ୍କ ଅଭିଯୋଗ ଶୁଣି ଅତିଶୀଘ୍ର ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ପୋଲିସ ଗିରଫ କରିବ ବୋଲି ଆଶ୍ୱାସନା ଦେଇଛନ୍ତି ବୋଲି ଯୁବତୀଙ୍କ ବାପା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ ପାଡୁଆ ଥାନା ଅଧୀନ ପୂଜାରୀପୁଟ ଗ୍ରାମର ଜଣେ ଯୁବତୀଙ୍କୁ ମାଛକୁଣ୍ଡ ଥାନା ଗୁମାଲପୁଟ ଗ୍ରାମର ଘାସି ମୂର୍ଜିଆ ବିବାହର ପ୍ରଲୋଭନ ଦେଖାଇ ସମ୍ପର୍କ ସ୍ଥାପନ କରିବା ପାଇଁ ବାଧ କରୁଥିଲେ । ସେ ବିବାହିତ ବୋଲି ଜାଣିବା ପରେ ପ୍ରମିଳା ଦୂରେଇ ଯିବାକୁ ଚେଷ୍ଟା କରିବାରୁ ସ୍ୱାମୀ ସ୍ତ୍ରୀ ମିଶି ତାଙ୍କୁ ଅପହରଣ କରି ୭ ଦିନ କାଳ ବିଭିନ୍ନ ସ୍ଥାନରେ ରଖି ଜବରଦସ୍ତି ଶାରୀରିକ ସମ୍ପର୍କ ସହ ଶାରୀରିକ, ମାନସିକ ନିର୍ଯାତନା ଦେଇଥିବା ପ୍ରମିଳା ଅଭିଯୋଗ କରିଛନ୍ତି । ଏ ସଂକ୍ରାନ୍ତରେ ପାଡୁଆ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଚୁପ ରହିଥିବା ଯୁବତୀ ଜଣକ କହିଛନ୍ତି । ଦୋଷୀଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପରିବାର ସହ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

# ଗୁଡାରୀ ପଞ୍ଚାୟତ ସମିତି ସାଧାରଣ ବୈଠକ



ଗୁଡାରୀ ୨୩।୪ (ସମିସ) ଗୁଡ଼ାରୀ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଦଭାବନା ଗୃହରେ ପଞ୍ଚାୟତ ସାଧାରଣ ବୈଠକ ଗୁରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ଗୁଡ଼ାରୀ ବ୍ଲକ୍ ବିଡ଼ିଓ ସୁଶ୍ରୀ ଶୁଚିସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱନାଥ ଶବର, ଗୁଣୁପୁର ବିଧାୟକ ପ୍ରତିନିଧି ସୁରେଶ ଆଚାର୍ଯ୍ୟ( ପିଏ)( ସାଂସଦ ପ୍ରତିନିଧି) ପି ବାବୁରାଓ,ଡାକ୍ତର ପ୍ରସାଦ ଗୌଡ଼, ତହସିଲଦାର ସୁଶ୍ରୀ ଏ. ସ୍ନେହ ଲତା ଉପସ୍ଥିତ ରହିଥିବା ବେଳେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଏହାକୁ ପରିଚାଳନା କରିଥିଲେ ।ପ୍ରଥମେ ଏହି ବୈଠକରେ ଜିପିଡିଓ ଶିବପ୍ରସାଦ ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଗୁଡ଼ାରୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଡ଼ିଓ ସୁଶ୍ରୀ ଶୁଚିସ୍ମିତା ବେହେରା, ବୈଠକର ପ୍ରାରମ୍ଭରୁ ସାଂସଦଙ୍କ ପ୍ରତିନିଧି ବ୍ଲକ୍ ପ୍ରତିନିଧି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସଫଳ ରୂପାୟନ ନେଇ ବୈଠକରେ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ସହଯୋଗ ଲୋଡିଥିଲେ। ଏହାପରେ ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗ ଅଧିନରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ବୈଠକରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ବ୍ଲକ ଅଧୀନରେ ଥିବା ଅଧିକାଂଶ ବିଭାଗୀୟ ଅଧିକାରୀ,ସରପଞ୍ଚ ଏବଂ ସମିତି ସଭ୍ୟ ମାନେ ଉପସ୍ଥିତ ରହି ଏହି ଆଲୋଚନାରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଛି । ଏହି ସାଧାରଣ ବୈଠକରେ କାର୍ଯ୍ୟାଳୟ ଉପସ୍ଥିତ ରହି ସହଯୋଗ କରିଥିବା କର୍ମଚାରିଙ୍କୁ ଜିପିଡିଓ ଶିବପ୍ରସାଦ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଉମରକୋଟ,୨୩।୪ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ ବିଷ ପିଇ ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବକ ଜଣକ ହେଲେ ଉମରକୋଟ ବ୍ଲକ ଅନ୍ତର୍ଗତ ଯୁଭି ୧୧ ନଂ ନାୟକ ଗୁଡା ଗ୍ରାମର ସତ୍ୟମ ବାଲା (୩୨)। ସୂଚନା ଅନୁସାରେ ସତ୍ୟମ ଆଜି ସଂଧ୍ୟା ସମୟରେ ଘରେ ଫସଲରେ ମାରିବା ପାଇଁ ରଖାଯାଇଥିବା ଔଷଧ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ଅଟୋ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ସତ୍ୟମ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସତ୍ୟମ କଣ ପାଇଁ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କଲେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡିନାହିଁ।

# କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ



ମାଲକାନଗିରି,୨୩।୪(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତ କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ପ୍ରଧାନଶିକ୍ଷକ ବସନ୍ତ କୁମାର ରଣାଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରୀଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ମୁଖ୍ୟ ବକ୍ତା ରୂପେ ମାଲକାନଗିରି ଉତ୍କଳ ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମଲ୍ଲ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଭାବେ କୋରୁକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ବାଲିମେଳା ବିଧାୟକ ପ୍ରତିନିଧି ଇସାକ୍ ଖୋସଲା, ସୋମନାଥପୁର ସରପଞ୍ଚ ମଞ୍ଜୁଳା ଶିଶା, ସମାଜସେବୀ ଗୀତା ଦେବୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନନ୍ଦ ଆଦବାରି ଏବଂ ଅନ୍ୟମାନଙ୍କ ମଧ୍ୟରେ ସମନ୍ଧ ଦୋରା , ଗୋବିନ୍ଦ ଗଲରି, ଆଦୁ ଖରା, ଧବଲୁ ହନ୍ତାଳ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ସହକାରୀ ଶିକ୍ଷକ ପ୍ରଦୀପ କୁମାର ମୁଦୁଲି। ଏହି ଅବସରରେ ପ୍ରଥମେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍?ଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମଞ୍ଚାସୀନ ଅତିଥି ମାନେ ନିଜର ଅଭିଭାଷଣ ପ୍ରଦାନ କରି ବିଦ୍ୟାଳୟର ଉତ୍ତମ ପରିବେଶ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଅଭିଭାବକଙ୍କ ଦାୟିତ୍ୱ ଓ ଛାତ୍ରଛାତ୍ରୀଙ୍କ ଉତ୍ତମ ଭବିଷ୍ୟତକୁ ନେଇ ମନ୍ତବ୍ୟ ପ୍ରକାଶ କରିଥିଲେ। ସେହିପରି ଏହି ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନିଜର ନୃତ୍ୟଗୀତ କଳାରେ ସମସ୍ତଙ୍କୁ ଆକର୍ଷିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷକ ପବିତ୍ର ମାହାଳି, ସହକାରୀ ଶିକ୍ଷକ ବବଲୁ ସଞ୍ଜୟ ସାହୁ, ଝରଣା ଷଡ଼ଙ୍ଗୀ ପ୍ରମୁଖଙ୍କ ଗ୍ରାମବାସୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଲମତାପୁଟରେ ସ୍ୱଚ୍ଛ ଭାରତ ଅଭିଯାନ

ଲମତାପୁଟ,୨୩।୪(ସମିସ): କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ଲମତାପୁଟ ମୁଖ୍ୟ ବଜାର ଛକରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲମତାପୁଟ ବିଡ଼ିଓ ଜୟନ୍ତ କୁମାର ମେହେରଙ୍କ ନେତୃତ୍ୱରେ ଅଞ୍ଚଳର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ତଥା ଆନନ୍ଦ ନିକେତନ, ଆଦର୍ଶ ବିଦ୍ୟାଳୟ, ଡିଗ୍ରୀ କଲେଜ ସରକାରୀ କର୍ମଚାରୀ, ପ୍ରସନିକ ଅଧିକାରୀ, ବ୍ୟବସାୟିକ ଅନୁଷ୍ଠାନ ଏବଂ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତା ମାନେ ଯୋଗ ଦେଇଥିଲେ। ପଲିଥିନ ବ୍ୟବହାର ନିଷେଧ ଉପରେ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଲମତାପୁଟ ସରପଞ୍ଚ ପ୍ରଫୁଲ୍ଲ କ୍ରିସାନି ଓ ଲମତାପୁଟ ଫାଣ୍ଡି ଅଧିକାରୀ ଶିଶିରକାନ୍ତ ଘୋଷ, ଜିଲ୍ଲା ପରିଷଦ ପୂର୍ଣ୍ଣଚନ୍ଦ୍ର ପାଙ୍ଗି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୋମନାଥ ମୁଦୁଲି ମଧ ସାମିଲ ଥିଲେ।

## ଶୁଣୁନି ପ୍ରଶାସନ

# ବିଦ୍ୟୁତ ସରବରାହ ସୁଇଚ୍ ବନ୍ଦ କଲେ ଗ୍ରାମବାସୀ



ଚିତ୍ରକୋଣ୍ଡା, ୨୩।୪ (ସମିସ) ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକରେ ଉତ୍ତ୍ୟକ୍ତ ଗ୍ରାମବାସୀ ଦୀର୍ଘ ତିନି ଘଣ୍ଟାରୁ ଅଧିକ ସମୟ ଧରି ୩୩ କେଭି ବିଦ୍ୟୁତକୁ ବନ୍ଦ ରଖିଥିବା ଜଣାପଡ଼ିଛି । ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧୮ ଗୋଟି ପଞ୍ଚାୟତବାସି ବିନା ବିଦ୍ୟୁତରେ ଗରମରେ ଆଉଟୁପାଉଟୁ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଛନ୍ତି ଖରା ଦିନେ ବିଦ୍ୟୁତ କାଟ କରା ଯିବନାହିଁ । ହେଲେ ସରକାରଙ୍କ ଘୋଷଣାକୁ ଅବମାନନା କରି ଚାଲିଛନ୍ତି ବାଲିମେଳା ବିଦ୍ୟୁତ ବିଭାଗ। ଫଳରେ ହନ୍ତସନ୍ତ ହେଉଛନ୍ତି ୧୮ ଗୋଟି ପଞ୍ଚାୟତବାସୀ। ଏହାସହ ୩ ଦିନ ହେଲା ବିନା ବିଦ୍ୟୁତରେ ହୋଇରଣ ହେଉଛନ୍ତି ଦୋରାଗୁଡା ପଞ୍ଚାୟତ ବାସିନ୍ଦା। ଚିତ୍ରକୋଣ୍ଡା ଅଞ୍ଚଳରେ କାଳବୈଶାଖିର ତିନି ଦିନ ବିତି ଯାଇଥିଲେ ମଧ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଦୋରାଗୁଡା ପଞ୍ଚାୟତରେ ୩ ଦିନ ହେଲା କରେଣ୍ଟ ନାହିଁ। ଅସମ୍ଭାଳ ତାତି ସହ ଝାଞ୍ଜି ପବନ ଯୋଗୁଁ ଅସ୍ତବ୍ୟସ୍ତ ହୋଇ ପଡିଲେଣି ଲୋକେ । ଫଳରେ ଲୋକେ ପିଲା ଛୁଆକୁ ନେଇ ଭୀଷଣ ଖରାରୁ ତ୍ରାହି ପାଇବା ପାଇଁ ଗଛମୂଳରେ ଆଶ୍ରୟ ନେଉଛନ୍ତି । ବାରମ୍ବାର ଅଭିଯୋଗ ପରେ କରେଣ୍ଟ ନ ଆସିବାରୁ ବାଧ ହୋଇ ଆଜି ମନ୍ତ୍ରୀ ପୁଟ ନିକଟରେ ୩୩କେଭି ଲାଇନର ଏଭି ସୁଇଚ ବନ୍ଦ କରିଛନ୍ତି ଉତ୍ୟକ୍ତ ପଞ୍ଚାୟତ ବାସୀ । ଭୀଷଣ ଗ୍ରୀଷ୍ମ ସହିତ ବିଦ୍ୟୁତ ବିଭାଗର ମନମାନି କାର୍ଯ୍ୟକୁ ଅସନ୍ତୋଷ ହୋଇ ବିଦ୍ୟୁତ କାଟି ଥିବା ନେଇ ଗ୍ରାମବାସୀ କହିଛନ୍ତି । ବିଦ୍ୟୁତ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱ କେଶନ ପ୍ରଧାନ କହିଛନ୍ତି ଏହି ୭୨ ଘଣ୍ଟା ମଧ୍ୟରେ ୪୦ ଘଣ୍ଟା ବିଦ୍ୟୁତ ଥିଲା । କିନ୍ତୁ ମରାମତି ପାଇଁ କରେଣ୍ଟ କଟା ଯାଇଛି । ଯାହାଦ୍ୱାରା ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ମରାମତି ପରେ ବିଦ୍ୟୁତ୍ ଦିଆ ଯିବ । ଘଟଣା ସ୍ଥଳରେ ବିଦ୍ୟୁତ ବିଭାଗ କର୍ମଚାରୀ ଓ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ କିଛି ସମୟ ପରେ ବିଦ୍ୟୁତ ସ୍ୱାଭାବିକ ହେବା ସହିତ ଦୋରାଗୁଡା ପଞ୍ଚାୟତରେ ବିଦ୍ୟୁତ୍ ଦିଆଯାଇଥିଲା ।

**● ଗ୍ରୀଷ୍ମ ପ୍ରବାହ,ତାପମାତ୍ରା ବୃଦ୍ଧି**

# ଜିଲ୍ଲାରେ ୨୪ ଓ ୨୫ ତାରିଖ ସ୍କୁଲ ବନ୍ଦ

ରାୟଗଡ,୨୩।୪ (ସମିସ): ରାୟଗଡ ଜିଲ୍ଲା ସାରା ଉପୁଜିଥିବା ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ରାୟଗଡ ଜିଲ୍ଲାର ସମସ୍ତ ଶିଶୁବାଟିକା ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ (ସରକାରୀ/ଅନୁଦାନପ୍ରାପ୍ତ/ବେସରକାରୀ) ବିଦ୍ୟାଳୟଗୁଡିକୁ ଚଳିତ ମାସ ୨୪ ଓ ୨୫ତାରିଖ ଦୁଇ ଦିନ ପାଇଁ ବନ୍ଦ ରଖିବାକୁ ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ନିର୍ଦ୍ଦେଶ ଦେଇଛନ୍ତି । ରାୟଗଡ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୩୯୩/୨୩/୦୪/୨୬ରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ଜାରି ହୋଇଛି। ସମସ୍ତ ସ୍କୁଲ ଯାଉଥିବା ପିଲାଙ୍କ ସୁରକ୍ଷା ଏବଂ ମଙ୍ଗଳ ପାଇଁ ଏହି ନିଷ୍ପତି ଗ୍ରହଣ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି।

# ଦୁଇ ସଂଗଠନର ଭାରତ ବନ୍ଦ ଆନ୍ଦୋଳନ



କୋରାପୁଟ,୨୩।୪(ସମିସ) ଭାରତ ମୁକ୍ତି ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ତରଫରୁ ଭାରତ ବନ୍ଦ ଡାକରା ଆଜି ଦିଆଯାଇଥିଲା। ଏହାର ପ୍ରଭାବ କୋରାପୁଟ ରେ ଦେଖିବା ପାଇଁ ମିଳିଛି। କୋରାପୁଟ ଟ୍ରାଫିକ ଛକ ରେ ଗାଡି ଗୁଡିକ ଅଟକି ରହିଛି। ଉଭୟ ପାଶ୍ୱର୍ ରେ ଗାଡି ଗୁଡିକ ଅଟକି ରହିବା ଯୋଗୁଁ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁଇ ଚକିଆ ଗାଡି ଓ ଆମ୍ବୁଲାନ୍ସକୁ ଛାଡି ଦେଲେ ସବୁ ଗାଡି ଗୁଡିକ ୨ ଘଣ୍ଟା ଅଟକି ରହିଥିଲା। ଘଟଣା ସ୍ଥଳରେ କୋରାପୁଟ ଏସଡିପିଓ ସଞ୍ଜୟ ମଣ୍ଡଳଙ୍କ ସମେତ ପୁଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଜାତିଭିତ୍ତିକ ଜନ ଗଣନା ଏବଂ ଓବିସିଙ୍କ ଜାତି ଭିତ୍ତିକ ଜନଗଣନା ପ୍ରସଙ୍ଗରେ ଓବିସି ପ୍ରତି ବିଜେପି ଦ୍ୱାରା କରାଯାଉଥିବା ପ୍ରତାରଣା ବିରୋଧରେ ତଥା ଏସସି ଏସଟି ଏବଂ ଓବିସି ସମର୍ଥନରେ ଏକ ମଜବୁତ ୟୁଜିସି ବିଲ କାର୍ଯ୍ୟକାରୀ କରିବା ସମର୍ଥନରେ ଏବଂ ୨୦୧୧ ପୂର୍ବରୁ ନିଯୁକ୍ତି ଶିକ୍ଷକଙ୍କୁ ଟିଇଟି ପରୀକ୍ଷାରୁ ମୁକ୍ତ ରଖାଯିବା ସମର୍ଥନରେ ଆଜି ଦେଶ ବ୍ୟାପି ଭାରତ ମୁକ୍ତି ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ତରଫରୁ ରାଲି ଓ ପଦର୍ଶନ କରାଯାଇଛି।

# ଜୟପୁର ସହରରେ ଜଳଖିଆ ମୂଲ୍ୟ ବୃଦ୍ଧି



ଜୟପୁର, ୨୩।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଜଳଖିଆର ମୂଲ୍ୟ ବୃଦ୍ଧି ଯୋଗୁଁ ଟାଉଟି ହନ୍ତସନ୍ତ ହେଉଛନ୍ତି। ଜଳଖିଆ ସମେତ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବୃଦ୍ଧି ନେଇ ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁନଥିବା ଯୋଗୁଁ ହୋଟେଲ, ଫୁଟପାଥ ଜଳଖିଆ, ଫାଷ୍ଟଫୁଡ ଏବଂ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ଦୋକାନୀ ମାନେ ନିଜ ମନମୁତାବିକ ଦର ବୃଦ୍ଧି କରୁଛନ୍ତି। ଏଥିନେଇ ଖାଉଟୀ ସୁରକ୍ଷା ନେଇ ଖାଦ୍ୟ ଓ ଯୋଗାଣ ବିଭାଗର ଦାୟିତ୍ୱ ରହିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫୁଟପାଥ ଦୋକାନୀ ମାନେ ନିମ୍ନମାନର ତେଲ ବ୍ୟବହାର କରୁଥିବା ବେଳେ ପିଇବା ପାଇଁ ଶୁଦ୍ଧ ଜଳ ମଧ ଦେଉନାହାଁନ୍ତି। ଏପରିକି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ମଧ ଚଢଉ କରାଯାଉନାହିଁ। ଫଳରେ ସହରରେ ହୋଟେଲ ଓ ଫୁଟପାଥ ଗୁଡିକରେ ଏକ ପ୍ରକାର ନିମ୍ନ ମାନର ଖାଦ୍ୟ ଖାଇବା ସହିତ ଶୁଦ୍ଧ ପାଣି ପିଇବା ପାଇଁ ମିଳୁନଥିବା ଯୋଗୁଁ ଗ୍ରାହକ ମାନେ ବିଭିନ୍ନ ପେଟ ଜନିତ ରୋଗରେ ଶୀକାର ହେବା ସହିତ ସ୍ୱାସ୍ଥ୍ୟ ମଧ ବିଗିଡିବା ଲାଗିଛି । ତେଣୁ ପ୍ରଶାସନ, ପୌରସଂସ୍ଥା ଓ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନିୟମିତ ଚଢଉ କରିବାକୁ ସାଧାରଣ ଦାବି ହେଉଛି । ଅନ୍ୟପକ୍ଷରେ ବ୍ୟବସାୟୀକ ଗ୍ୟାସର ଦର ବୃଦ୍ଧି ପାଇଥିବା ବେଳେ ଆବଶ୍ୟକ ଗ୍ୟାସ ଗୋଦାମରୁ ଗ୍ୟାସ ମିଳୁନଥିବା ଯୋଗୁଁ କଳାବଜାରରେ ବ୍ୟବସାୟୀକ ଗ୍ୟାସ ନିର୍ଦ୍ଧାରିତ ଦରରୁ ୫ଶହରୁ ୧ ହଜାର ଅଧିକ ଟଙ୍କା କ୍ରୟ କରୁଛନ୍ତି। ଅଧିକାଂଶ ଦୋକାନରେ ବ୍ୟବହୃତ ତାଳ ରିଫାଇନ ତେଲର ଦର ପ୍ରାୟ ୨୦ରୁ ୩୦ ଟଙ୍କା ବୃଦ୍ଧି ପାଇଛି । ତେଣୁ ବ୍ୟବସାୟୀ ମାନେ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି କରିଥିବା ନେଇ ସଫେଇ ଦେଉଛନ୍ତି। ପ୍ରକାଶ ଯେ, ଜୟପୁର ସହରରେ ଫୁଟପାଥ ଜଳଖିଆ ଦୋକାନରେ ୨୦ ଟଙ୍କାରେ ପୂର୍ବରୁ ବିକ୍ରି ହେଉଥିବା ୪ଟି ଇଟଲି ଏବଂ ୪ଟି ପୁରି ବଦଳରେ ୩ଟି ଇଟଲି ଏବଂ ୩ ପୁରି ବିକ୍ରି ହେଉଥିବା ବେଳେ କେତେକ ଦୋକାନରେ ୧୫ ଟଙ୍କାରେ ୨ ଟି ଇଟଲି ଏବଂ ୨ ପୁରି ବିକ୍ରି ହେଉଛି। ସେହିପରି ପୂର୍ବରୁ ରହିଥିବା ବିଭିନ୍ନ ଦୋସା ଦର ପ୍ରାୟ ୫ଟଙ୍କା ଲେଖାଏଁ ବୃଦ୍ଧି ପାଇଛି। ବରା, ସିଙ୍ଗଡା, କାଟୋଡି, ଫାଷ୍ଟଫୁଡ ଖାଦ୍ୟର ମଧ ଦର ବୃଦ୍ଧି କରାଯାଇଛି।

